୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.146 Bhubaneswar Monday July 15 2024 | ୨୬ତମ ବର୍ଷ ସଂଖ୍ୟା–୧୪୬ ଭୁବନେଶ୍ୱର, ସୋମବାର, ଜୁଲାଇ ୧୫, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ଖୋଲିଲାନି, ଭଙ୍ଗାଗଲା ଭିତର ରତ୍ନଭଣ୍ଡାର ତାଲା



ଭୁବନେଶ୍ୱର,୧୪।୭(ପି.ଏନ): ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ତାଲା ଖୋଲିଲା ନାହିଁ। ତେଣୁ ଭିତର ରତ୍ନଭଣ୍ଡାର ୩ଟି ତାଲା ଭଙ୍ଗା ଯାଇଛି। ତା'ପରେ ରତ୍ନଭଣ୍ଡାର ଯାଞ୍ଚ କମିଟିର ସଦସ୍ୟମାନେ ଭିତର ରତ୍ନ ଭଣ୍ଡାରରେ ପ୍ରବେଶ କରିଛନ୍ତି। ସବୁ ଅଳଙ୍କାର ଆଲ୍ ?ମିରା ଓ ସିନ୍ଦୁକରେ ଥିବା ବାହାରୁ ଦେଖିଲେ। ହେଲେ କୌଣସି ଆଲ୍‌ମିରା ଓ ସିନ୍ଦୁକ ଖୋଲାଯାଇ ନାହିଁ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି।

## ମୋଦିଙ୍କ ଫଲୋୟର୍ସଙ୍କ ସଂଖ୍ୟା ୧୦୦ ନିୟୁତ ଛୁଇଁଲା, ବିଶ୍ୱରେ ସର୍ବାଧିକ



ନୂଆଦିଲ୍ଲୀ,୧୪।୭(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋଶାଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ରେକର୍ଡ କରିଛନ୍ତି। ଆଜି ତାଙ୍କ ଫଲୋୟର୍ସଙ୍କ ସଂଖ୍ୟା ୧୦୦ ମିଲୟନ ବା ୧୦ କୋଟି ଛୁଇଁଛି। ସାମ୍ବିଧାନିକ ପଦରେ ଥିବା ବିଶ୍ୱରେ କୌଣସି ନେତାଙ୍କୁ ଏକ୍ସରେ ଏତେ ସଂଖ୍ୟକ ଲୋକ ଅନୁସରଣ କରିବା ପ୍ରଥମ ଘଟଣା। ଏହାର ଅର୍ଥ ମୋଦି ଏବେ ଅଧିକ ଫଲୋୟର୍ସ ରହିଥିବା ଗ୍ଲୋବାଲ ଲିଡର ହୋଇଯାଇଛନ୍ତି।ତେବେ ବିଶ୍ୱ ରାଜନେତାଙ୍କ ସର୍ବାଧିକ ଅନୁସରଣକାରୀ ତାଲିକାରେ ମୋଦି ୨ ନଂରେ ରହିଛନ୍ତି। ତାଙ୍କ ଠାରୁ ଅଧିକ ଲୋକ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କୁ ଅନୁସରଣ କରୁଛନ୍ତି।

### ୪୬ ସାମ୍ରାଜ୍ୟ ଜୟ କରିଥିଲେ ଗଜପତି ମହାରାଜ; କିନ୍ତୁ ରତ୍ନଭଣ୍ଡାରରେ ଅଛି ୩୬ ମୁକୁଟ !

ଭୁବନେଶ୍ୱର,୧୪।୭(ପିଏନ):ଗଜପତି ମହାରାଜା ବଂଗଦେଶରୁ କାବେରୀ ପର୍ଯ୍ୟନ୍ତ ଜୟ କରିଥିଲେ। ସେତେବେଳେ ଗଜପତି ମହାରାଜା ୪୬ ସାମ୍ରାଜ୍ୟ ଜୟ କରିଥିଲେ। ସେହି ହିସାବରେ ରତ୍ନଭଣ୍ଡାରରେ ୪୬ଟି ମୁକୁଟ ରହିବା କଥା। ହେଲେ ପୂର୍ବତନ ଶ୍ରୀମନ୍ଦିର ପ୍ରଶାସକ ରବୀନ୍ଦ୍ର ନାରାୟଣ ମିଶ୍ରଙ୍କ ତଥ୍ୟ ଅନୁସାରେ ତୃତୀୟ ରତ୍ନ ଭଣ୍ଡାରରେ ୩୬ଟି ମୁକୁଟ ରହିଛି ବୋଲି କହିଛନ୍ତି ବିଶିଷ୍ଟ ଐତିହାସିକ ଡକ୍ଟର ସୁରେନ୍ଦ୍ର ମିଶ୍ର। ତେବେ ୧୨ଟି ମୁକୁଟ ସମ୍ପର୍କରେ ରବୀନ୍ଦ୍ର ନାରାୟଣ ମିଶ୍ର ଜାଣି ନଥିବା ସୁରେନ୍ଦ୍ର ମିଶ୍ର କହିଛନ୍ତି।୪୬ ବର୍ଷ ପରେ ଖୋଲୁଛି ମହାପ୍ରଭୁଙ୍କ ରତ୍ନଭଣ୍ଡାର। ଏହାକୁ ନେଇ ଐତିହାସିକ ଡକ୍ଟର ମିଶ୍ର କହିଛନ୍ତି, ଯେଉଁ ୧୧ ଜଣିଆ କମିଟି ରତ୍ନଭଣ୍ଡାର ଭିତରକୁ ଯାଇଛନ୍ତି, ସେମାନେ ଭଣ୍ଡରର ସ୍ଥିତି ଓ ଅବସ୍ଥା ପରୀକ୍ଷା କରିପାରିବେ। କିନ୍ତୁ ଭଣ୍ଡାରରେ କ'ଣ ରହିଛି, ତାହାର ତାଲିକା କରିବା ସମ୍ଭବପର ନୁହେଁ। କାରଣ ୧୯୭୮ ମସିହାରେ ହୋଇଥିବା ଗଣତିରେ ୬ ଜଣ ଲୋକଙ୍କୁ ୭୧ ଦିନ ଲାଗିଥିଲା। ସେମାନେ ୫୯୮ ପ୍ରକାର ଅଳଙ୍କାରର ତାଲିକା କରିଥିଲେ। ଯେଉଁ ୫୯୮ ପ୍ରକାର ଅଳଙ୍କାରର ତାଲିକା ହୋଇଥିଲା, ତାହା ଚଳନ୍ତି ଭଣ୍ଡାର ଓ ଦ୍ୱିତୀୟ ଭଣ୍ଡାରରେ ଥିଲା ବୋଲି ଡକ୍ଟର ମିଶ୍ର କହିଛନ୍ତି।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୪ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## ସରକାରଙ୍କ ଜବରଦଖଲ ଉଚ୍ଛେଦନେଇ ସିଟିଜେନ ଫୋରମର ସାଂଘାତିକ ବୈଠକ



ଫୁଲବାଣୀ,୧୪।୭(ପି.ଏନ): ରବିବାର ବନାନୀ କଳା ସଂଗମ ପରିସରରେ କନ୍ଧମାଳ ଜିଲ୍ଲା ସିଟିଜେନ ଫୋରମ ପକ୍ଷରୁ ଏକ କାର୍ଯ୍ୟ କାରି ବୈଠକ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଡ଼ଃ ଅରୂପ କୁମାର ଜେନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା କ୍ଷ ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ ଆଜିର ବୈଠକ ର ଲକ୍ଷ୍ୟ,ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ କ୍ଷ ସଭାପତି ଡ଼ଃ ଅରୂପ ଜେନା ବିଶେଷ କରି ବର୍ତମାନ ସରକାର ଗତ ୬ ତାରିଖ ଦିନ ଜବରଦଖଲ ଉଚ୍ଛେଦ କରିବା ଲାଗି ସମସ୍ତ ଜିଲ୍ଲାପାଳ ମାନଙ୍କୁ ଦେଇଥିବା ଚ଼ିଠି ଓ ଗୋପାଳପୁର – ରେଢ଼ାଖୋଲ ଭାୟା ଫୁଲବାଣୀ ରେଳ ଲାଇନ, ମେଡିକାଲ କଲେଜ ତୁରନ୍ତ କାର୍ଯ୍ୟକ୍ଷମ କରିବା ସମ୍ପର୍କିତ ଉପୁଜିଥିବା ସମସ୍ୟା ଓ ସମାଧାନ ନେଇ ମତ ରଖିବା ଲାଗି ସଦସ୍ୟ ମାନଙ୍କୁ ପରାମର୍ଶ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସମାଜସେବୀ ନବୀନ କିଶୋର ପଣ୍ଡା,ବରିଷ୍ଠ ନାଗରିକ ସଙ୍ଘ ସମ୍ପାଦକ ପ୍ରଣବ ମଣ୍ଡଳ, ବଂଶୀଧର ପଣ୍ଡା, ମିଡ଼ିଆ ଫୋରମ ର ସଭାପତି ସନ୍ତୋଷ ଡିଗାଲ, ଉପସଭାପତି ବ୍ରଜକିଶୋର ପଟନାୟକ, କନ୍ଧମାଳ ପିପୁଲସ ଫୋରମ ସଭାପତି ତଥା ସାମ୍ବାଦିକ ରାଧାମୋହନ ମହାପାତ୍ର ସାମ୍ବାଦିକ ପ୍ରଶାନ୍ତ ବେହେରା, ସମାଜସେବୀ ସତ୍ୟ ପ୍ରିୟ ମହାନ୍ତି, ଉପସଭାପତି ନବ କିଶୋର ରଥ, ପ୍ରଫୁଲ ଦାସ ପ୍ରମୁଖ ଯୋଗ ଦେଇ ସରକାରଙ୍କ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା କୁ ବିରୋଧ କରିବା ସହ ଜବରଦଖଲ କରି ସରକାରୀ ଜମି ର ଘର କରି ରହିଥିବା ଗରିବ ଲୋକଙ୍କୁ ଘରବାରୀ ପଟା ଯୋଗାଇଦେବାକୁ କହିଥିଲେ କ୍ଷ ଏ ସମ୍ପର୍କରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚ଼ନା କରିବା ପାଇଁ ମତ ଦେଇଥିଲେ କ୍ଷଏହାବ୍ୟତୀତ ଅତିଶୀଘ୍ର ବିଭିନ୍ନ ସଂଗଠନ ର କର୍ମକର୍ତା ଙ୍କୁ ନେଇ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରି ନିର୍ବାଚ଼ିତ ଲୋକ ପ୍ରତିନିଧି ମାନଙ୍କୁ ସାମିଲ କରି ଶାନ୍ତିପୂର୍ଣ ଆନ୍ଦୋଳନ କରିବାଲାଗି ମତ ପୋଷଣ କରିଥିଲେ କ୍ଷସେହିପରି ନିର୍ମାଣ ଧୀନ ମେଡିକାଲ କଲେଜ କାର୍ଯ୍ୟ ଶୀଘ୍ର ସାରିବାଲାଗି ନାଗରିକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଙ୍କୁ ଚ଼ିଠି ଲେଖିବା ପାଇଁ ସଦସ୍ୟ ମାନେ ମତ ଦେଇଥିଲେ କ୍ଷ ଏହାବ୍ୟତୀତ ଗୋପାଳପୁର – ରେଢ଼ାଖୋଲ ଭାୟା ଫୁଲବାଣୀ ପୁନର୍ବାର ସର୍ଭ ? ପାଇଁ ଚ଼ଳିତ ରେଳବାଇ ବଜେଟ ରେ ଅଧିକ ଅର୍ଥ ଅନୁଦାନ ଯୋଗାଇଦେବାକୁ ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀ ଙ୍କୁ ଚ଼ିଠି ଲେଖିବାପାଇଁ ମତ ପ୍ରକାଶ ପାଇଥିଲା କ୍ଷ ଏଥିସହ ସର୍ଭ ? କରୁଥିବା ଓରିଡେଲ କର୍ତୃପକ୍ଷ ଙ୍କ ସହଜିଲ୍ଲା ନାଗରିକ ମଞ୍ଚ ପ୍ରତିନିଧି ଦଳ ଆଲୋଚ଼ନା କରିବା ନେଇ ସତ୍ୟପ୍ରିୟ ମହାନ୍ତି ମତ ରଖିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ କାଁହୁ ଶତପଥୀ, ଭି ଭି ଶଙ୍କର, ଚ଼ନ୍ଦ୍ର ମିଶ୍ର, ଅମ୍ବୁଜ ବେହେରା, ରଂଜିତ ବେହେରା, ଶିବ ରାମ ନାୟକ, ଲଳିତ ନାୟକ, ବ୍ରଜ ନାୟକ, ଅଶୋକ ମହାନ୍ତି, ସାଗର ପକ୍ଷତି, ପ୍ରମୁଖ ଉପସ୍ଥିତ ଥିଲେ ସଦସ୍ୟ ତଥା ରୋଟାରୀଆନ କୁନ୍ଦନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ପୁରୀରେ ରହିବେ ୩ ମନ୍ତ୍ରୀ, ଅବଶିଷ୍ଟ ରୀତିନୀତି ଶୃଙ୍ଖଳିତ କରିବାକୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୪।୭(ପି.ଏନ): ଆଜି ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଖୋଲିବାକୁ ଯାଉଛି । ଏଥିପାଇଁ ରାଜ୍ୟ ସରକାର ଚୂଡ଼ାନ୍ତ ଏସଓପି ଜାରି କରିଛନ୍ତି । ଆଜି ଦିନ ୧ଟାରୁ ସାଢ଼େ ୧ ଭିତରେ ରତ୍ନଭଣ୍ଡାର ଖୋଲିବାକୁ ଯୋଜନା କରାଯାଇଛି । ସେହିପରି ସୋମବାର ବାହୁଡ଼ା ଯାତ୍ରା ଥିବାରୁ ଆଜି ସନ୍ଧ୍ୟା ୫ଟା ପରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ ବୋଲି କହିଛନ୍ତି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ । ତେବେ ନୀଳାଦ୍ରୀ ବିଜେ ନସରିବା ପର୍ଯ୍ୟନ୍ତ ପୁରୀରେ ସକ୍ରିୟ ଭାବେ ଉପସ୍ଥିତ ରହି ଶ୍ରୀ ଗୁଣ୍ଡିଚ଼ା ଯାତ୍ରାର ଅବଶିଷ୍ଟ ରୀତିନୀତି ନୀରିକ୍ଷଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୩ ଜଣ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆଇନ୍ ମନ୍ତ୍ରୀ ପୃଥ୍ୱିରାଜ ହରିଚ଼ନ୍ଦନ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ରଥଯାତ୍ରାର ଅବଶିଷ୍ଟାଂଶ ରୀତିନୀତି ଶୃଙ୍ଖଳିତ ହେବା ସହ ଶ୍ରଦ୍ଧାଳୁ ତଥା ଭକ୍ତମାନଙ୍କର ଯେପରି କୌଣସି ଅସୁବିଧା ନହେବ ତାହା ସୁନିଶ୍ଚିତ କରିବା ନେଇ ଯତ୍ନବାନ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ରତ୍ନଭଣ୍ଡାର ଅଳଙ୍କାର ରଖିବା ପାଇଁ ଆସିଛି ୬ ସିନ୍ଦୁକ



ଭୁବନେଶ୍ୱର,୧୪।୭(ପି.ଏନ): ଆଜି ରତ୍ନଭଣ୍ଡାର ଖୋଲାଯିବ। ରତ୍ନଭଣ୍ଡାର ଖୋଲିବା ପାଇଁ ଦିନ ୧ଟା ୨୮ ମିନିଟ ହେଉଛି ଶୁଭ ମୁହୂର୍ତ୍ତ। ଏ ନେଇ ସବୁ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଶ୍ରୀମନ୍ଦିରରେ ପହଞ୍ଚିଛି ୬ଟି ସିନ୍ଦୁକ। ଏଥିରେ ରଖାଯିବ ରତ୍ନଭଣ୍ଡାରରେ ଥିବା ଅଳଙ୍କାର ।ଭୁବନେଶ୍ୱରରୁ ଏହି ୬ଟି ସିନ୍ଦୁକ ଅଣାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ମୋଟ ୧୫ଟି ସିନ୍ଦୁକ ବରାଦ କରାଯାଇଛି। ସେଥିରୁ ୬ଟି ପୁରୀ ଆସିଥିବା ବେଳେ ଆଉ ୯ଟିର ତିଆରି ଚ଼ାଲିଛି। ୨୦ ଜଣ କାରିଗର ୪୮ ଘଣ୍ଟା ଧରି ପରିଶ୍ରମ କରିବା ପରେ ଏହି ୬ଟି ସିନ୍ଦୁକ ତିଆରି କରିଛନ୍ତି। ଖୁବ୍‌ଶୀଘ୍ର ଅନ୍ୟ ୯ଟି ସିନ୍ଦୁକ ମଧ ପୁରୀରେ ପହଞ୍ଚିଯିବ। ଏହି ସିନ୍ଦୁକ ଗୁଡିକ ଶାଗୁଆନ କାଠରେ ତିଆରି ହୋଇଛି। ତା' ଭିତରେ ପିତଳର ଛାଉଣୀ ଦିଆଯାଇଛି।

## କୃଷ୍ଣା ମହାନ୍ତି ପାଇଲେ ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର



ଅନୁଗୁଳ/ଭୁବନେଶ୍ୱର, ୧୪।୭(ପି.ଏନ): ରାଷ୍ଟ୍ରୀୟ ସ୍ତରରେ ଗାନ୍ଧୀ ଓ ସର୍ବୋଦୟ ବିଚ଼ାରର ସର୍ବୋଚ୍ଚ ସଂଗଠନ ସର୍ବ ସେବା ସଂଘ(ଅଖିଳ ଭାରତ ସର୍ବୋଦୟ ମଣ୍ଡଳ) ପକ୍ଷରୁ ୨୦୨୩ ଆର୍ଥିକ ବର୍ଷ ନିମନ୍ତେ ରାଷ୍ଟ୍ରୀୟ ଗାନ୍ଧୀ ପୁରସ୍କାର ଓଡିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ତଥା ବିପ୍ଳବିଣୀମାଳତୀ ଚୌଧୁରୀଙ୍କ ସୁକନ୍ୟା ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତିଙ୍କୁ ଅନୁଗୁଳସ୍ଥ ବାଜି ରାଉତ ଛାତ୍ରାବାସ ପରିସରରେ ପ୍ରଦାନ କରାଯାଇଛି । ଏହି ପୁରସ୍କାରରେ ଏକ ଲକ୍ଷ ଟଙ୍କାର ସମ୍ମାନ ରାଶି, ମାନପତ୍ର ତଥା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ସହ ସେବାଗ୍ରାମ ଆଶ୍ରମରେ ପ୍ରାତଃଭ୍ରମଣରେ ଏକଦା ଯାଇଥିବା ବାଳିକା କୃଷ୍ଣାଙ୍କର ଏକ ତୈଳଚ଼ିତ୍ର ପ୍ରଦାନ କରାଯାଇଥିଲା । ସମ୍ମାନ ସମାରୋହରେ ଅଧ୍ୟକ୍ଷତା କରି ସର୍ବ ସେବା ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଚ଼ନ୍ଦନ ପାଲ କହିଲେ ଯେ, କୃଷ୍ଣା ଅପାଙ୍କୁ ଏହି ସମ୍ମାନ ପ୍ରଦାନ କରି ସମଗ୍ର ସର୍ବୋଦୟ ପରିବାର ସମ୍ମାନିତ ହୋଇଛି । ସର୍ବୋଦୟ ଆନ୍ଦୋଳନକୁ ଦେଶବ୍ୟାପୀ ବ୍ୟାପକ କରିବାରେ କୃଷ୍ଣା ଅପାଙ୍କ ପରିବାରର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ବଡବାପା ଗୋପବନ୍ଧୁ ଚୌଧୁରୀ ସର୍ବ ସେବା ସଂଘର ପ୍ରତିଷ୍ଠାତା ସମ୍ପାଦକ, ବାପା ନବକୃଷ୍ଣ ଚୌଧୁରୀ, ବଡଭାଇ ମନମୋହନ ଚୌଧୁରୀ, ଭିଣୋଇ ନାରାୟଣ ଦେଶାଇ ସଂଘର ସଭାପତି ଭାବରେ କାର୍ଯ୍ୟ କରିଥିଲେ । ବଡମା' ରମାଦେବୀ, ମାଆ ମାଳତୀ ଦେବୀ, ବଡ ଦୁଇ ଭଉଣୀ ଅନ୍ନପୂର୍ଣ୍ଣା ମହାରାଣା, ଉତ୍ତରା ଦେଶାଇ,ବଡ ଭିଣୋଇ ଶରତ ଚ଼ନ୍ଦ୍ର ମହାରାଣା, ଭାଉଜ ସୁମିତ୍ରା ଦେବୀ ସମସ୍ତେ ସର୍ବୋଦୟ ଆନ୍ଦୋଳନରେ ଜୀବନଦାନ କରିଥିଲେ । କୃଷ୍ଣା ଅପା ନିଜେ ସାଢେତିନି ବର୍ଷ ବୟସରେ ଇଂରେଜ ସରକାରର ଜେଲରେ ରହିଥିଲେ । ଭୂଦାନ ଗ୍ରାମଦାନ ଆନ୍ଦୋଳନ ହେଉ କି ସଂପୂର୍ଣ୍ଣ କ୍ରାନ୍ତି ଆନ୍‌ଦୋଳନ, ଗାନ୍ଧୀ ସର୍ବୋଦୟ ଆନ୍‌ଦୋଳନର ସିପାହୀ ଭାବରେ କୃଷ୍ଣା ଅପାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ । ଦଳିତ ଉତଥାନ ହେଉ କି ସାମ୍ପ୍ରଦାୟିକ ସଦଭାବ, ବାଜି ରାଉତ ଛାତ୍ରାବାସ ହେଉ କି ଉତ୍କଳ ଗାନ୍ଧୀ ସ୍ମାରକ ନିଧି ଜୀବନକୁ ବାଜି ଲଗାଇ କୃଷ୍ଣା ଅପା ସର୍ବୋଦୟ ସଂଗଠନଗୁଡ଼ିକୁ ସକ୍ରିୟ ରଖିଛନ୍ତି । ସମ୍ମାନର ଉତ୍ତରରେ କୃଷ୍ଣା ମହାନ୍ତି କହିଲେ ଯେ, ଆଜି ଗଣତନ୍ତ୍ର ବିପଦରେ, ଦଳିତ, ମହିଳା ସମସ୍ତେ ଅତ୍ୟାଚ଼ାରର ଶୀକାର ହେଉଛନ୍ତି, ସରକାର ମଦ ପ୍ରସାର ନୀତି ଆପଣେଇଛନ୍ତି, ଆଉ ଏ ଦେଶ କର୍ପୋରେଟ ଓ ଭ୍ରଷ୍ଟ ନେତାଙ୍କ ଦଖଲରେ ଥିବାବେଳେ ଗାନ୍ଧୀ ପୁରସ୍କାର ମୋ ପାଇଁ ଏକ ଆହ୍ୱାନ।

# କାମରେ ଲାଗୁନି ଦେଉଳି ପାହାଡ଼ ଅତିଥିଶାଳା



ଧର୍ମଶାଳା,୧୪।୭(ପିଏନ୍): କାମରେ ଲାଗୁନି ଧର୍ମଶାଳା ବ୍ଲକ୍ କୁମାରୀ ପଂଚାୟତରେ ଥିବା ବୌଦ୍ଧ କୀର୍ତିରାଜି ସଂପନ୍ନ ଦେଉଳି ପାହାଡ଼ ଉପରେ ଥିବା ଅତିଥିଶାଳା। ବ୍ୟବହାର ହେଉନଥିବାରୁ ଏହା ଏବେ ଭୂତକୋଠି ପାଲଟିଛି । ପ୍ରକୋଷ୍ଠ ଓ ଫାଟକରେ ତାଲା ଝୁଲୁଛି । ରକ୍ଷଣାବେକ୍ଷଣ ଅଭାବରୁ ଏହା ନିକଟରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ସୂଚନା ଅନୁସାରେ, ଦେଉଳି ପାହାଡ଼ରେ ଏକାଧିକ ବୌଦ୍ଧଯୁଗୀୟ ଗୁ। ସହିତ ଉତ୍କଳୀୟ ଶିଷ୍ୟ ଭଲ୍ଲିକ ବୁଦ୍ଧଦେବଙ୍କ ନଖ ଆଣି ଏଠାରେ ନଖସ୍ତୁପ ସ୍ଥାପନ କରିଥିବାର କୀର୍ତିରାଜି ରହିଛି । ଏହା ଏକ ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ଏଠାରେ ଥିବା ବୌଦ୍ଧ କୀର୍ତିରାଜିର ବିକାଶ ସହିତ ପାହାଡ଼ ଶୀର୍ଷକୁ ଯିବାପାଇଁ ୧୦ବର୍ଷ ପୂର୍ବେ କଂକ୍ରିଟ୍ ଓ ପିଚୁ ରାସ୍ତା ହୋଇଛି । ଏଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଏକାଧିକ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଉଦ୍ଦେଶ୍ୟ ଥିଲା ପର୍ଯ୍ୟଟକ ଓ ସ୍ଥାନୀୟ ଅଂଚଳବାସୀ ଏଠାରେ ଥିବା ବୌଦ୍ଧ କୀର୍ତିରାଜି ବୁଲି ଦେଖିବା ସହ ବଣଭୋଜି କରି ପାରିବେ । ହେଲେ ଏହା ଅଂଚଳବାସୀଙ୍କ କାମରେ ଲାଗବା ପରିବର୍ତେ ପୂର୍ବ ସରକାର ସମୟରେ କେତେକ ନେତା, ଠିକାଦାର ଓ ସରକାରୀ ଅଧିକାରୀ ଏଠାରେ ମଉଜ ମଜଲିସ୍ କେନ୍ଦ୍ର ପାଲଟିଥିଲା । ଏବେ ସରକାର ବଦଳିବା ପରେ ଆଉ ତାଲା ଖୋଲୁନଥିବା ଦେଖିବାକୁ ମିଳିଛି । ଏହି ଆଇଭି ଏବେ କାହା ଅଧୀନରେ ଅଛି ତାହା ମଧ୍ୟ ଜଣାପଡୁନାହିଁ। ନିକଟରେ ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିର, ବ୍ରାହ୍ମଣୀ ନଦୀ ଓ ୧୬ନମ୍ବର ଜାତୀୟ ରାଜପଥ ଯାଇଛି । ଗମନାଗମନ ସୁବିଧା ଥିବାରୁ ସ୍ଥାନୀୟ ଅଂଚଳବାସୀ ସହଜରେ ପାହାଡ଼ ଉପରକୁ ଯାଇ ପାରୁଛ଼ି । ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ ବିଭାଗ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାହାଡ଼ ଉପରକୁ କଂକ୍ରିଟ୍ ଓ ପିଚୁ ରାସ୍ତା, ଅତିଥିଶାଳା ଏବଂ ୱାଚ୍ ଟାୱାର ନିର୍ମାଣ କରାଯାଇଛି । ହେଲେ ବିଦ୍ୟୁତ୍ ସଂଯୋଗ ଓ ପାଣିର ବ୍ୟବସ୍ଥା ନଥିବାରୁ ଏସବୁ ଅବ୍ୟହୃତ ଅବସ୍ଥାରେ ରହିଛି । ପରିଚାଳନା ବ୍ୟବସ୍ଥା ନଥିବାରୁ ଏଠାରେ ନାନାଦି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଛି । ଅନେକ ସମୟରେ ଅସାମାଜିକ ଯୁବକ ପଇଁତାରା ମାରୁଥିବାରୁ ମହିଳା ପର୍ଯ୍ୟଟକମାନେ ଏଠାରେ ନିଜକୁ ସୁରକ୍ଷିତ ମନେ କରୁନାହାଁନ୍ତି । ପ୍ରେମୀଯୁଗଳଙ୍କୁ ଧମକ ଚମକ ଦିଆଯାଇ ସେମାନଙ୍କ ନିକଟରୁ ଟଙ୍କା ଆଦାୟ କରାଯାଉଛି । ପାହାଡ଼ ବୁଲାଇବାକୁ କହି କିଛି ବର୍ଷ ପୂର୍ବେ ଏଠାରେ କୁଆଖିଆ ଥାନା ଅଂଚଳର ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କୁ ହତ୍ୟା କରିଥିଲା । ସେହିପରି ସ୍ଥାନୀୟ ଅଂଚଳର ଜଣେ ମହିଳାଙ୍କୁ ହତ୍ୟା କରାଯିବା ସହିତ ତାଙ୍କ ଝିଅଙ୍କୁ ଦୁଷ୍କର୍ମ କରାଯାଇଥିଲା । ଦେଉଳି ପାହାଡ଼କୁ ଲାଗିଥିବା ଦେଉଳିପାଳ ପାହାଡ଼ରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଏପରିକି ଧର୍ମଶାଳା ଥାନା ଅଂଚଳରେ ଲୁଟ୍‌ପାଟ୍ କରିବା ପାଇଁ ଡକାୟତମାନେ ଦେଉଳି ପାହାଡ଼ରେ ବ୍ଲୁପ୍ରିଣ୍ଟ୍ ପ୍ରସ୍ତୁତ କରୁଥିବା ବେଳେ ଏକାଧିକ ଥର ଧରାପଡ଼ିଥିବା ପୂର୍ବ ପୁଲିସ୍ ଅଧିକାରୀ ସୂଚନା ଦେଇଥାଁନ୍ତି । ଏଠାରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଥିବା ବେଳେ ଏହା ଏବେ ଅସୁରକ୍ଷିତ ହୋଇପଡ଼ିଛି । ତେବେ ପାହାଡ଼ ସମ୍ମୁଖ ଭାଗକୁ ତାରବାଡ଼ ଦିଆଯାଇ ଘେରାବନ୍ଦୀ କରାଯିବା ସହିତ ପାଦଦେଶ ରାସ୍ତାରେ ଏକ ଫାଟକ କରାଯାଇ ଜଗୁଆଳୀ ବ୍ୟବସ୍ଥା ହେବ ରାଜନୈତିକ ସ୍ତରରେ ଚି'। କରାଯାଇଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ଏହାର ଉନ୍ନତିକରଣ, ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରାଗଲେ ବୌଦ୍ଧ ଧର୍ମାବଲମ୍ବୀଙ୍କ ସମେତ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିପାର'। ବୋଲି ଗବେଷକମାନେ ଆଶାବ୍ୟକ୍ତ କରିଛ଼ି ।

## ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ, ରାତି ପାହିଲେ ବାହୁଡାଯାତ୍ରା

ପୁରୀ,୧୪।୭(ପି.ଏନ): ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ଶେଷ ହୋଇଛି। ବାହୁଡା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ବନ୍ଦ ହୋଇଛି। ଦର୍ଶନ ବନ୍ଦ ପରେ ଶ୍ରୀଜିଉଙ୍କ ଅନ୍ୟ ନିତି ସମ୍ପନ୍ନ ହେବ। ଆଜି ସକାଳ ଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଶରଧାବାଲିରେ ଲୋକାରଣ୍ୟ ଦେଖାଯାଇଛି। ରାତି ପାହିଲେ ମହାପ୍ରଭୁ ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ଏଥି ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଏଥି ପାଇଁ ପ୍ରସ୍ତୁତ ଅଛନ୍ତି। ଶୃଙ୍ଖଳିତ ବାହୁଡା ଯାତ୍ରା ପାଇଁ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।ସୂଚ଼ନା ଅନୁଯାୟୀ ରତ୍ନଭଣ୍ଡାର ଖୋଲାଯିବା ନେଇ ସମସ୍ତଙ୍କର ଉତ୍ସୁକତା ରହିଥିବା ବେଳେ ରତ୍ନଭଣ୍ଡାର ଭିତରୁ ବାହାରିଛନ୍ତି ଅଧିକୃତ ସଦସ୍ୟ । ବାହାରକୁ ବାହାରିବା ପରେ ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି କି, ଏସଓପି ମୁତାବକ ସମସ୍ତ କାର୍ଯ୍ୟ ହୋଇଛି । ଅରବିନ୍ଦ ପାଢୀଙ୍କ କହିବା ମୁତାବକ ବାହାର ରତ୍ନଭଣ୍ଡାରରୁ ଯାହା ବାହାରକୁ ବାହାର କରିବା କଥା ସମସ୍ତ ଜିନିଷ ବାହାର କରାଯାଇ ତାକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ ଚେଙ୍ଗଡା ଘରେ ରଖାଯାଇଛି । ଜଷ୍ଟିସ ରଥ ଓ ମେକାପ ସଦସ୍ୟଙ୍କ ସାମ୍ନାରେ ସବୁ ଜିନିଷ ଷ୍ଟ୍ରଙ୍ଗରୁମକୁ ସ୍ଥାନାନ୍ତର କରାଯାଇଛି । ଏହାସହ ସ୍ଥାନାନ୍ତର ହୋଇଥିବା ସମସ୍ତ ଜିନିଷର ତାଲିକା ପ୍ରସ୍ତୁତ କରାଯାଇଛି । ଏବେ ବାହାର ରତ୍ନଭଣ୍ଡାରକୁ ସିଲ୍ କରାଯାଇଛି।

## ଟ୍ରମ୍ପଙ୍କୁ ଗୁଳି କରିଥିବା ୨୦ ବର୍ଷୀୟ ଯୁବକ ଜଣଙ୍କ କିଏ ?

ଭୁବନେଶ୍ୱର,୧୪।୭(ପି.ଏନ): ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଗୋଟିଏ ନିର୍ବାଚ଼ନୀ ସଭାରେ ଗୁଳିମାଡ ହୋଇଛି। ପେନସିଲଭେନିଆ ଠାରେ ଟ୍ରମ୍ପ ଗୋଟିଏ ସାଧାରଣ ସଭାକୁ ସମ୍ବୋଧନ କରୁଥିବା ବେଳେ ତାଙ୍କୁ ଗୁଳିମାଡ ହୋଇଥିଲା। ଗୁଳିଟି ଟ୍ରମ୍ପଙ୍କ ଡାହାଣ ପଟ କାନରେ ମାଡ ହୋଇଛି। ତେବେ ସେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏବେ ସେ ହସ୍ପିଟାଲରେ ଚ଼ିକିତ୍ସିତ ହେଉଛନ୍ତି।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହେଉଛନ୍ତି ହ୍ରିତିକ।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରତିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରୁସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରୁସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରୁସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢ଼ିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢ଼ାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢ଼ିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ





ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ମହାବିଷୁବ ସଂକ୍ରାନ୍ତିର ଆଧ୍ୟାତ୍ମିକ ଚେତନା



ଭାରତୀୟ ସଂସ୍କୃତିରେ ଜୀବନର ପ୍ରତ୍ୟେକ କ୍ଷଣ ପର୍ବ, ଉତ୍ସବ ଏବଂ ଆନନ୍ଦ ଉଲ୍ଲାସରେ ପରିପୂର୍ଣ୍ଣ। ଏହି ପର୍ବ ସମ୍ପୂର୍ଣ୍ଣ ସଂସ୍କୃତିକୁ ନେତୃତ୍ୱ ଦେଇଥାଏ। ଜନଜୀବନରେ ଉଲ୍ଲାସ ଭରିଦିଏ। ବ୍ୟଷ୍ଟି ଓ ସମଷ୍ଟି ମଧ୍ୟରେ ଏକତା ସୃଷ୍ଟିକରେ। ମିଳିତ ଭାବରେ ଆନନ୍ଦ ଉଲ୍ଲାସରେ ସମସ୍ତେ ମାତି ଯାଆନ୍ତି। ଖୁସି ମନାନ୍ତି। କାରଣ ମନୁଷ୍ୟ ସର୍ବଦା ଆନନ୍ଦର ସନ୍ଧାନୀ। ତାର ସ୍ୱରୂପ ମଧ୍ୟ ସଚ୍ଚିଦାନନ୍ଦ। ପର୍ବର ଅର୍ଥ ସନ୍ଧିକାଳ। ହିନ୍ଦୁପର୍ବ ସାଧାରଣତଃ ସନ୍ଧି ସମୟରେ ପଡ଼ିଥାଏ। ପୂର୍ଣ୍ଣିମା ଅମାବାସ୍ୟା ଇତ୍ୟାଦି ସୂର୍ଯ୍ୟ ସଂକ୍ରମଣରେ ପରିବର୍ତ୍ତନ ହେବାରୁ ସଂକ୍ରାନ୍ତି ମଧ୍ୟ ବଡ଼ ପର୍ବରୂପରେ ପାଳନ କରାଯାଇଥାଏ। ମହାବିଷୁବ ସଂକ୍ରାନ୍ତିଠାରୁ ବର୍ଷ ଆରମ୍ଭ ହେଉଥିବାରୁ ସେ ଦିନ ଦେବଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ଭୋଗ, ପୂଜା, ହୋମ ଇତ୍ୟାଦି କରାଯାଏ। ସୂର୍ଯ୍ୟ ସକଳ ଶକ୍ତିର ଆଧାର ଓ ଆଲୋକର ଉତ୍ସ ଏବଂ ସୃଷ୍ଟିରେ ସକଳ ଜୀବଜନ୍ତୁ ଓ ବୃକ୍ଷଲତା ତାଙ୍କ ଦ୍ୱାରା ଜୀବନ ଧାରଣ କରୁଥିବାରୁ ହିନ୍ଦୁଧର୍ମରେ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ। ପ୍ରତ୍ୟେକ ଗ୍ରହ ଓ ରାଶି ସହିତ ସୂର୍ଯ୍ୟଙ୍କର ପ୍ରଭାବ ଓ ସମ୍ପର୍କ ଥିବାରୁ ପଞ୍ଚ ଦେବତା ଉପାସନା ମଧ୍ୟରେ ସୂର୍ଯ୍ୟଙ୍କର ଉପାସନା ଅନ୍ୟତମ। ଏହି ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟ ବିଷୁବ ରେଖାରେ ରହୁଥିବାରୁ ଦିନରାତି ସମାନ ରହେ । ସୂର୍ଯ୍ୟ କର୍କଟ କ୍ରାନ୍ତିରେ ରହରହିବାରୁ ସୂର୍ଯ୍ୟଙ୍କର ତାପ ପ୍ରଖର ହୁଏ। ପଣା ସଂକ୍ରାନ୍ତି ସମୟକୁ ସୂର୍ଯ୍ୟଙ୍କର କିରଣ ବୃଦ୍ଧି ହୋଇଥାଏ। ଏହି ସମୟରେ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ଛତୁ ଓ ବେଲପଣା ଭୋଗ କରାଯାଏ।

ମହାବିଷୁବ ସଂକ୍ରାନ୍ତି ହିନ୍ଦୁ ଧାର୍ମିକ ପରମ୍ପରାରେ ଏକ ବିଶିଷ୍ଟ ପର୍ବ। ଏହି ପର୍ବ ଆମର ସାମାଜିକ, ଆଧ୍ୟାତ୍ମିକ ଏବଂ ପାରିବାରିକ ଭିତ୍ତିଭୂମିକୁ ସୁଦୃଢ଼ କରୁଥିବା ବିଶ୍ୱାସ କରାଯାଏ। ଓଡ଼ିଶା ସମେତ ଭାରତବର୍ଷର ଏକାଧିକ ଅଞ୍ଚଳରେ ଏହାକୁ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଏ। ଯେଉଁ ଯେଉଁ ସଂପ୍ରଦାୟ ଏହାକୁ ପାଳନ କରନ୍ତି, ସେମାନେ ଏହାକୁ ବର୍ଷର ପ୍ରଥମ ଦିନ ଭାବେ ଗ୍ରହଣ କରିଛନ୍ତି। ଓଡ଼ିଶାରେ ଏହାକୁ କୁହାଯାଏ ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି। ଏହା ହେଉଛି ଓଡ଼ିଆ ନବବର୍ଷର ପ୍ରଥମ ଦିନ। ଏହି ଦିନ ନୂଆ ପାଞ୍ଜି ଗ୍ରହଣ କରାଯାଏ। ଜ୍ୟୋର୍ତିବିଜ୍ଞାନ ଅନୁଯାୟୀ ମହାବିଷୁବ ସଂକ୍ରାନ୍ତିରୁ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ଆରମ୍ଭ ହୁଏ। ସୂର୍ଯ୍ୟ, ବିଷୁବ ରେଖା ଉପରେ ଅବସ୍ଥାନ କରି କର୍କଟକ୍ରାନ୍ତି ଆଡ଼କୁ ଗମନ କରନ୍ତି। ପଞ୍ଜାବ ଏବଂ ହରିୟାଣାରେ ମଧ୍ୟ ଏହା ବର୍ଷର ପ୍ରଥମ ଦିନ। ସେମାନେ ଏହି ଦିନରେ ପାଳନ୍ତି ବୈଶାଖୀ। ଅହମୀୟଙ୍କ ପାଇଁ ଏହା ବୋହାଗ ବିହୁ ବା ହାଟ ବିହୁ ଏବଂ ବାଙ୍ଗଲା ଭାଷୀଙ୍କ ପାଇଁ ପଏଲା ବୈଶାଖୀ। ବିହାରୀ, ତାମିଲ ଓ କେରଳୀ ପରମ୍ପରାରେ ଏହା ଯଥାକ୍ରମେ ବୈଶାଖ ପୁଥାଣ୍ଡୁ ଓ ବିଷୁ। ମିୟାଁମାର, କାମ୍ବୋଡ଼ିଆ, ଲାଓସ, ନେପାଳ, ସିଂହଳ ଓ ଥାଇଲାଣ୍ଡରେ ମଧ୍ୟ ଏହା ପାଳିତ ହେଉଥିବା ଜଣାଯାଏ। ଏହି ଅବସରରେ ବିଭିନ୍ନ ସଂପ୍ରଦାୟ ଭିନ୍ନ ଭିନ୍ନ ଦେବଦେବୀଙ୍କୁ ପୂଜା କରୁଥିବା ପ୍ରକାଶ। ଓଡ଼ିଶାରେ ଏହାକୁ ହନୁମାନଙ୍କ ଜୟନ୍ତୀ ଭାବେ ଗ୍ରହଣ କରାଯାଇଛି। ବିଷୁବରେ ବିହାରରେ ସୂର୍ଯ୍ୟପୂଜା, ପଶ୍ଚିମବଙ୍ଗରେ ମହାଲକ୍ଷ୍ମୀ ଓ ଶ୍ରୀଗଣେଶ, କେରଳରେ ଶ୍ରୀକୃଷ୍ଣ ଏବଂ ଆସାମରେ ଗୋରୁପୂଜନ ହେଉଛି ପରମ୍ପରା। ପଞ୍ଜାବ ହରିୟାଣାରେ ଏହା କୃଷି ପର୍ବ। ନାନକଶାହୀ କ୍ୟାଲେଣ୍ଡର ଅନୁଯାୟୀ ପ୍ରତି ବର୍ଷ ଏପ୍ରିଲ ୧୩ ତାରିଖରେ ବୈଶାଖୀ ପାଳନ



କରାଯାଏ। ତେବେ ପ୍ରତି ୩୬ ବର୍ଷରେ ଥରେ ଏହି ପର୍ବ ଏପ୍ରିଲ ୧୪ ତାରିଖରେ ପଡ଼େ। ଏହି ଦିନରେ ଦଶମ ଶିଖ ଧର୍ମଗୁରୁ ଗୋବିନ୍ଦ ସିଂହଙ୍କ ଜନ୍ମ ଦିବସ ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଖାଲସାର ପ୍ରତିଷ୍ଠା ଦିବସ ପାଳନ କରାଯାଏ। ୧୬୯୯ ମସିହାରେ ଏହି ଦିନରେ ଆନନ୍ଦପୁର ସାହିବରେ ସେ ଖାଲସା ପନ୍ଥ ପ୍ରତିଷ୍ଠା କରିଥିଲେ। ବିଷୁବ ସଂକ୍ରାନ୍ତି ବୌଦ୍ଧଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ଦିନରେ ଗୌତମ ବୁଦ୍ଧଙ୍କୁ ନିର୍ବାଣପ୍ରାପ୍ତ ହୋଇଥିଲା। ୧୮୭୫ ମସିହା ଏହି ଦିନରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ। ଏହି ଦିନକୁ କେହି କେହି ପହିଲା ବୈଶାଖ ବା ବୈଶାଖର ପ୍ରଥମ ଦିନ ଭାବେ ଜାଣିଥାନ୍ତି। ଓଡ଼ିଆ ଜନଜୀବନରେ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ମହାବିଷୁବ ସଂକ୍ରାନ୍ତି ଏକ ସ୍ମରଣୀୟ ଓ ପବିତ୍ର ଦିନ। ଏହି ମହାବିଷୁବ ବା ପଣା ସଂକ୍ରାନ୍ତି ଦିନଠାରୁ ବୃକ୍ଷଜଗତ ଓ ଜୀବଜଗତକୁ ଜଳ ପ୍ରଦାନ କରାଯାଉଥିବାରୁ ଏହାକୁ କେହି କେହି ଜଳସଂକ୍ରାନ୍ତି ବୋଲି କହିଥାନ୍ତି। ଓଡ଼ିଆଙ୍କ ନିତିଦିନିଆ ଜୀବନରେ ମହାବିଷୁବର ଚେତନା ଆମର ସାମାଜିକ, ଆଧ୍ୟାତ୍ମିକ ପାରିବାରିକ ଅପୂର୍ବ ସମ୍ପର୍କର ଭିତ୍ତିଭୂମିକୁ ସୁଦୃଢ଼ କରିଥାଏ।

# ଶରଣାଗତି ଯୋଗ

ପିଲାବେଳେ ଆମେମାନେ ଏକ ଗପ ଶୁଣିଥିଲୁ। ସେଥିରେ ଯେତିକି ମଜା କଥା ଅଛି ସେତିକି ନୈତିକତା ମଧ୍ୟ ଲୁଚି ରହିଛି। ଜଣେ ମହିଳା କୃଷ୍ଣଙ୍କର ଅତି ଭକ୍ତ। ସେ ସିଦ୍ଧାନ୍ତ କରି ନେଇଥାନ୍ତି ଯେ ସେ ଯାହା କରିବେ ସବୁ କୃଷ୍ଣଙ୍କୁ ଅର୍ପଣ କରି କରିବେ। ତାଙ୍କ ଭାବ ଏତେ ଦୃଢ଼ ଓ ନିର୍ମଳ ଯେ ସେ ଗୋବରରେ ଘସି ପାରୁ ପାରୁ ଯଦି କେହି ଦେବେ 'କୃଷ୍ଣାର୍ପଣମସ୍ତୁ' ମନ୍ଦିର ପୂଜକ ଠାକୁରଙ୍କୁ ଧୋଇ ଧୋଇ ହରାଇଣ ହୋଇଯାଆନ୍ତି। କିନ୍ତୁ କ'ଣ କରାଯିବ ? ପରିଶେଷରେ ସେ ଏ ସ୍ତ୍ରୀଲୋକ କଥା ଜାଣିବାକୁ ପାଇଲେ ଏବଂ ନିଶ୍ଚିତ ହୋଇଗଲେ ଯେ ଏ ସ୍ତ୍ରୀଲୋକଟି ବଞ୍ଚିଥିବା ପର୍ଯ୍ୟନ୍ତ ଠାକୁରଙ୍କ ଦେହରେ ଗୋବର ପଡ଼ିବାରୁ ଆଉ ରକ୍ଷା ନାହିଁ। ଦିନେ ସ୍ତ୍ରୀ ଲୋକଟି ଶକ୍ତ ବେମାର ପଡ଼ିଲେ ଓ ମୃତ୍ୟୁ ସମୟ ପାଖେଇ ଆସିଲା। ମହିଳା ଜଣକ ନିଜ ମୃତ୍ୟୁକୁ ମଧ୍ୟ କୃଷ୍ଣଙ୍କୁ ଅର୍ପଣ କରିଦେଲେ। ମୃତ୍ୟୁ ଦୂତ ସିଧା କୃଷ୍ଣଙ୍କ ମନ୍ଦିରକୁ ଯାଇ ମନ୍ଦିରକୁ ଭାଙ୍ଗି ଦେଲା। କୃଷ୍ଣ ନାମ ଧ୍ୟାନ ଆଗରେ ସ୍ୱର୍ଗର ମଧ୍ୟ କିଛି ବିଶେଷ ମୂଲ୍ୟ ନାହିଁ। ତୁମର ପ୍ରତ୍ୟେକ କର୍ମ ଭଲ ହେଉ ବା ମନ୍ଦ, ଈଶ୍ୱରଙ୍କୁ ସମର୍ପିତ ହୋଇ ହେଉ। ଏପରି ହେଲେ ଚମତ୍କାର ଫଳାଫଳ ମିଳିବ। ମାଟିଆ ବା ନାଲିଆ ରଙ୍ଗର ଧାନକୁ ଭାଜି ଦେଲେ ସୁନ୍ଦର ସଫେଦ ଖଇ ମିଳୁଛି। ଏ ପରିବର୍ତ୍ତନ କେବଳ ଅଗ୍ନି ଯୋଗୁଁ ସମ୍ଭବ। ଗମହକୁ ଚୁରିଲେ ଆମେ ଶୁଭ୍ର କୋମଳ ଅଟା ପାଉ। ସେହିଭଳି ଛୋଟ ବଡ଼, ସମସ୍ତ କର୍ମ ଯଦି ଭକ୍ତିପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଭାବେ କରାଯାଏ ତାହାହେଲେ ସେଗୁଡ଼ିକ ମଧ୍ୟ ଉଚ୍ଚମାନ ପ୍ରାପ୍ତ ହେବେ। ଭକ୍ତିଭାବ ଯୁକ୍ତ କର୍ମ ମୂଲ୍ୟବାନ ଓ ମହାନ ହୋଇଯାଏ। ସେ ଦୃଷ୍ଟିରୁ ଫୁଲଟିଏ, ବେଲପତ୍ର ବା ତୁଳସୀ ପତ୍ରଟିକୁ ସାଧାରଣ ଜିନିଷ ବୋଲି ଭାବ ନାହିଁ।ଯାହା କରାଯାଉ, ଯଦି ତାହା ଭାବ ବିଜଡ଼ିତ, ତେବେ ସେ ସବୁ ମହାନ। ଆମେ କେତେ ବେଶୀ ଦେଲୁ ତାହା ବଡ଼ କଥା ନୁହେଁ। କି ପ୍ରକାର ଭାବର ସହ ଦେଲ, ସେ ହେଉଛି ବଡ଼। ଜିନିଷର ଗୁଣ, ମାନ, ପରିମାଣ, ଆକର ବା ମୂଲ୍ୟ ଆଦୌ ବଡ଼ କଥା ନୁହେଁ, ତାହା ଯେଉଁ ଭାବ ଓ ଭକ୍ତିର ସହ ଅର୍ପିତ ହେଲା, ତାହା ବିଚାର୍ଯ୍ୟ। ସେଥିରେ ନିହିତ ଥିବା ଆବେଗ ହିଁ ଗ୍ରହଣୀୟ। ଜୀବନରେ ଆମେ କେତେ ପରିମାଣର କର୍ମ ବା ବ୍ରତ ଆଚରଣ କଲେ ତାହା ଗଣାଯାଏ ନାହିଁ। ପ୍ରଭୁ ଚିନ୍ତାରେ ନିମଜ୍ଜିତ ହୋଇ, ପ୍ରଭୁ ଚରଣରେ ସମର୍ପିତ ଭାବ ବିଜଡ଼ିତ କୌଣସି ଗୋଟିଏ କାମ ମଧ୍ୟ ଆମକୁ ସର୍ବାଧିକ ଓ ସମ୍ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ। ସଂକ୍ଷେପରେ କହିବାକୁ ଗଲେ ଆମେ ଯଦି ଆମର ସରଳ ଓ କ୍ଷୁଦ୍ର କର୍ମମାନ ଭଗବତ ପଦାର୍ପିତ ହୋଇ କରିବା ତାହାହେଲେ ମୋକ୍ଷ ପ୍ରାପ୍ତ ହେବା।

# ଜୈବିକ ପନିପରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ !

ଭୁବନେଶ୍ୱର (ପିଏନ୍): ପନିପରିବାକୁ ରୋଗ ପୋକ ଦାଉରୁ ରକ୍ଷା କରିବା ପାଇଁ କୃଷି କ୍ଷେତ୍ରରେ କୀଟନାଶକ ଔଷଧର ବ୍ୟବହାର କରାଯାଉଛି। ହେଲେ ଏହି ରାସାୟନିକ ଔଷଧର ଖରାପ ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡୁଥିବାରୁ ଏବେ ଜୈବିକ ପନିପରିବା ଉତ୍ପାଦନ କରାଯାଉଛି। ରାସାୟନିକ ସାର, ବଦଳରେ ଜୈବିକ ସାର ଦେଇ ଉତ୍ପାଦନ କରାଯାଉଛି ପନିପରିବା ଓ ଫଳ ଇତ୍ୟାଦି। ନିକଟରେ ଏକ ସ୍ୱାସ୍ଥ୍ୟ ପତ୍ରିକାର ଅଧ୍ୟୟନରୁ ଯାହା ଜଣାଯାଏ ଜୈବିକ ପନିପରିବାରେ ଯେତିକି ମାତ୍ରାରେ କୀଟନାଶକ ବ୍ୟବହାର କରାଯାଉଛି, ତାଠାରୁ ଢ଼େର ଗୁଣା କମ୍ କୀଟନାଶକ ଅଣ-ଜୈବିକ ପନିପରିବାରେ ବ୍ୟବହାର କରାଯାଉଛି। ଦିନସାରା ଅବିରତ କାମ କରିବା ପାଇଁ ଶରୀରକୁ ଦରକାର ଶକ୍ତି। ସୁଷମ ଖାଦ୍ୟ ହିଁ ଶରୀରକୁ ଶକ୍ତି ଯୋଗାଇବା ସହିତ ଆମକୁ ସତେଜ ରଖିଥାଏ। କିନ୍ତୁ ଆଜିକାଲି ବଜାରରେ ଯେଉଁସବୁ ପନିପରିବା, ଫଳ ଆଦି ମିଳୁଛି ତାହା କେତେ ଶୁଦ୍ଧ ତାହା ଆମେ ଜାଣିନାହୁଁ। ଚାଷ ସମୟରେ ଅଧିକ ଅମଳ ପାଇଁ ଚାଷୀମାନେ ବିଭିନ୍ନ ପ୍ରକାର କୀଟନାଶକ ଔଷଧ ପ୍ରୟୋଗ କରିଥାଆନ୍ତି। ପନିପରିବା ଓ ଫଳମୂଳ ଚାଷ ହେବା ସମୟରେ ଯେଉଁ କୀଟନାଶକ ଔଷଧ ବ୍ୟବହାର କରାଯାଏ ତାହା ପରିବା ଉତ୍ପାଦନ ହେବା ପର୍ଯ୍ୟନ୍ତ ସେଥିରେ ରହିଥାଏ। ଆମେ ଏଗୁଡ଼ିକୁ ଖାଇବା ପରେ ଏହା ଆମ ଶରୀର ମଧ୍ୟକୁ ଯାଇ ନାନା ରୋଗ ସୃଷ୍ଟି କରିଥାଏ। କିନ୍ତୁ ଆମେ ତାହା ଜାଣିବା କଷ୍ଟକର ହୋଇଥାଏ। ପନିପରିବା ଫଳମୂଳରେ କେତେ ପରିମାଣର ବିଷାକ୍ତ ପଦାର୍ଥ ରହିଛି ତାହା ଉପରେ ନିକଟରେ ଏକ ଗବେଷଣାତ୍ମକ ନିବନ୍ଧ ପ୍ରକାଶ ପାଇଛି। ସାଧାରଣତଃ ଯେଉଁ ଲୋକ ବିଷପାନ କରିଥାଏ ସେ ବିଷକୁ ବାହାର କରିବା ପାଇଁ ପଟାସିୟମ ପରମାଙ୍ଗାନେଟ ପାଣି ଉକ୍ତ ବ୍ୟକ୍ତିଙ୍କୁ ଦେଲେ ତାଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାରି ଯାଇଥାଏ। କିଛି ପରିମାଣର ପଟାସିୟମ ପରମାଙ୍ଗାନେଟ ପକାଇ ସେଥିରେ ସବୁଜ ପନିପରିବାକୁ ପକାନ୍ତୁ। ମାତ୍ର ୩୦ରୁ ୪୦ ସେକେଣ୍ଡ ମଧ୍ୟରେ ପରିବାରେ ଥିବା ବିଷାକ୍ତ ପଦାର୍ଥ ପୃଥକ ହୋଇଯିବ। ଏହାସହ ବାଇଗଣୀ ରଙ୍ଗର ପଟାସିୟମ ପାଣି ସଙ୍ଗେ ସଙ୍ଗେ ଧଳା ହୋଇଯିବ। ସାଧାରଣତଃ ଆମେ ଯେଉଁ ପନିପରିବା ଓ ଫଳମୂଳ ଖାଉଛେ ସେଥିରେ ୯୯ ପ୍ରତିଶତ ବିଷାକ୍ତ ପଦାର୍ଥ ରହିଛି। ଅଧିକ ଅମଳ ପାଇଁ ପନିପରିବା, ଫଳ ଆଦି ଚାଷ ସମୟରେ କୀଟନାଶକ ପ୍ରୟୋଗର ଆବଶ୍ୟକତା ରହିଛି। ଯେଉଁମାନେ ପନିପରିବା, ଫଳ ଆଦି ଉତ୍ପାଦନ କରନ୍ତି ସେଗୁଡ଼ିକରେ କେତେ ପରିମାଣର ବିଷାକ୍ତ ପଦାର୍ଥ ରହିଛି ତାହା ନଜାଣି ସିଧାସଳଖ ତୋଳି ବଜାରରେ ବିକ୍ରି କରିଥାନ୍ତି। କିନ୍ତୁ କୀଟନାଶକ ପଦାର୍ଥ ଜୈବିକ ହେଲେ କୌଣସି ସମସ୍ୟା ନାହିଁ। କିନ୍ତୁ ଚାଷୀମାନଙ୍କ ମଧ୍ୟ ସଚେତନତା ଅଭାବରୁ ସେମାନେ ରାସାୟନିକ କୀଟନାଶକ ବ୍ୟବହାର କରୁଛନ୍ତି। ଯାହା କେବଳ ପ୍ରାଣୀ ଜଗତ ପାଇଁ କ୍ଷତିକାରକ ତାହା ନୁହେଁ ପରିବେଶ ପାଇଁ ମଧ୍ୟ ହାନିକାରକ। ସେହିପରି ଶାଗଜାତୀୟ ଫସଲ ବୃଦ୍ଧି ନିମନ୍ତେ ଚାଷୀମାନେ ୟୁରିଆକୁ ପତ୍ର ଛିଞ୍ଚା କରି ସ୍ୱଳ୍ପ ଦିନ ବ୍ୟବଧାନରେ ବଜାରରେ ବିକ୍ରି କରିଥାନ୍ତି। ଏଥିରେ ଥିବା ୟୁରିଆ ବିଭିନ୍ନ ପେଟ ରୋଗର କାରଣ ହୋଇଥାଏ। ସେହିପରି ବଜାରରୁ କିଣିଥିବା ଲଙ୍କା, ବନ୍ଧାକୋବି, ଧନିଆପତ୍ର, ପୋଦିନାପତ୍ର, ଫୁଲକୋବି ଆଦି ପନିପରିବାରେ ବହୁ ପରିମାଣରେ ବିଷଥିବା ନେଇ ବିଭିନ୍ନ ଜର୍ଣ୍ଣାଲରେ ଗବେଷଣାତ୍ମକ ଲେଖା ପ୍ରକାଶ ପାଇଛି। ଏପରିକି କଞ୍ଚା ଖାଉଥିବା ପିଆଜରେ ମଧ୍ୟ ବିଷାକ୍ତ ପଦାର୍ଥ ଥିବା ଜଣାପଡ଼ିଛି। ଏହି ବିଷ ପ୍ରୟୋଗ ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡ଼ି କୀଟପତଙ୍ଗ ଓ ପଶୁପକ୍ଷୀମାନେ ଏହାକୁ ଖାଇ ବିଲୁପ୍ତ ହେବାରେ ଲାଗିଲେଣି। ଅଧ୍ୟୟନରୁ ଜଣାପଡ଼ିଛି ଯେ ବର୍ତ୍ତମାନ ଅଣ-ଜୈବିକ ପନିପରିବା ପରିବର୍ତ୍ତେ ଜୈବିକ ପନିପରିବା ସ୍ୱାସ୍ଥ୍ୟ ପାଇଁ ଅଧିକ କ୍ଷତିକାରକ। ପନିପରିବାକୁ ସତେଜ ଏବଂ ରୋଗମୁକ୍ତ କରି ରଖିବା ପାଇଁ ଅନେକ ଜୈବିକ ଫାର୍ମଗୁଡ଼ିକରେ ମାତ୍ରାଧିକ କୀଟନାଶକ ବ୍ୟବହାର କରାଯାଉଛି। ଏବଂ ସେହି ମାତ୍ରାଧିକ କୀଟନାଶକ ମିଶା ପନିପରିବାକୁ ରାସାୟନିକ ସାର ମୁକ୍ତ ବା ଜୈବିକ ପନିପରିବାର ଟ୍ୟାଗ ଲଗାଇ ଲାଭ ପାଇଁ ବଜାରରେ ଅଧିକ ଟଙ୍କାରେ ବିକ୍ରି କରାଯାଉଛି। ଅନ୍ୟ ଅର୍ଥରେ କହିଲେ ଲୋକମାନେ ଯେଉଁ ଜୈବିକ ପରିବାକୁ ବହୁତ ସୁରକ୍ଷିତ ଭାବୁଥିଲେ ତାହା ଏବେ ମିଛ ବୋଲି ପ୍ରମାଣିତ ହୋଇଯାଇଛି। ତେବେ ଏ ସମ୍ପର୍କରେ ଭାରତୀୟ ଶସ୍ୟ ସୁରକ୍ଷା ସଂସ୍ଥାନ ପକ୍ଷରୁ ସୂଚନା ଅଧିକାରକୁ ଯେଉଁ ପ୍ରଶ୍ନ କରାଯାଇଥିଲା ତାର ଉତ୍ତରରେ ଜାଣିବାକୁ ମିଳିଛି ଯେ ରାଜଧାନୀ ଦିଲ୍ଲୀର ବଜାରରେ ବିକ୍ରି ହେଉଥିବା ଜୈବିକ ପନିପରିବାର ୩୩ ପ୍ରତିଶତ ହେଉଛି କୀଟନାଶକଯୁକ୍ତ ପନିପରିବା। ତେବେ ଏହି ଜୈବିକ ଖାଦ୍ୟରେ କେତେ ମାତ୍ରାରେ କୀଟନାଶକ ମିଶିଛି ସେ ସମ୍ପର୍କରେ ଜାଣିବା ପାଇଁ ଭାରତୀୟ କୃଷି ଗବେଷଣା କେନ୍ଦ୍ର ପକ୍ଷରୁ ଦିଲ୍ଲୀର ଲୋଧି ରୋଡ଼ସ୍ଥିତ ମେହେର ଚାନ୍ଦ ବଜାରରେ ଦୋକାନଗୁଡ଼ିକରୁ ଜୈବିକ ପନିପରିବାର ନମୁନା ନିଆଯାଇଥିଲା। ଜାନୁଆରୀ ୨୦୧୨ରୁ ଅକ୍ଟୋବର ୨୦୧୪ ମଧ୍ୟରେ ୧୫୦ଟି ପରିବା ନମୁନା ନିଆଯାଇ ପରୀକ୍ଷା କରାଯାଇଥିଲା। ସମୁଦାୟ ନମୁନାର କୀଟନାଶକର ମାତ୍ରା ମାକ୍ସିମମ୍ ରିସିଡ୍ୟୁ ଲେଭେଲ୍ ଠାରୁ ୬.୬ ପ୍ରତିଶତ ଅଧିକ ଥିବା ଜଣାପଡ଼ିଛି। ଯେତେବେଳେ କି ଅଣଜୈବିକ ପନିପରିବାରେ କୀଟନାଶକର ମାତ୍ରା ଏମ୍‌ଆରଏଲ୍ ଠାରୁ ୨.୭ ପ୍ରତିଶତ ଏବଂ ଜୈବିକ ଫଳରେ ଏହାର ମାତ୍ରା ୦.୮ ପ୍ରତିଶତ ଅଧିକ ରହିଛି। ସ୍ୱାସ୍ଥ୍ୟପ୍ରତି ଲାଭଦାୟକ ଥିବା ଜୈବିକ ପନିପରିବା ପ୍ରକୃତରେ ଯେ କେତେ କ୍ଷତିକାରକ ତାହା ଏହି ପରୀକ୍ଷାରୁ ଜଣାପଡ଼ି ଯାଇଛି। ପରୀକ୍ଷା କରାଯାଇଥିବା ଜୈବିକ ପନିପରିବାରେ ଏସିଟାମିପ୍ରିଡ୍, କ୍ଲୋରପିରିଫସ୍, ସିପରମିଥ୍ରିନ୍, ଫ୍ଲୁବେନ୍‌ଡିଆମାଇଡ୍ ଏବଂ ପ୍ରୋଫିନୋଫୋସ୍ ପରି ବିଷାକ୍ତ କୀଟନାଶକ ମିଶିଥିବାର ଜଣାପଡ଼ିଛି। ବିଶେଷ କରି କ୍ଲୋରଫିରିଫସ୍, ସିପରମିଥ୍ରିନ୍, ଏହି ଦୁଇଟି କୀଟନାଶକର ମାତ୍ରା ଅଧିକ ରହିଥିବାର ଦେଖାଯାଇଛି। ମନୁଷ୍ୟ ଶରୀରରେ କ୍ଲୋରପିରିଫସ୍‌ର ମାତ୍ରା ଅଧିକ ରହିଲେ ବିକାଶରେ ବାଧା ସୃଷ୍ଟି ହୁଏ, ଏହି ବିଷାକ୍ତ ପଦାର୍ଥ ଲୋକର ରୋଗ ପ୍ରତିରୋଧକ ଶକ୍ତିକୁ କମାଇ ଦିଏ। ସେହିପରି ସିପରମିଥ୍ରିନ୍ କୀଟନାଶକ ଦ୍ୱାରା ମୁଣ୍ଡବ୍ୟଥା, ଦୁର୍ବଳ ମାଂସପେଶୀ, ଶ୍ୱାସକ୍ରିୟାଜନିତ ଅସୁବିଧା ହୋଇଥାଏ। ଜୈବିକ ପନିପରିବା ଖାଇବା ଶରୀର ପ୍ରତି ଲାଭଦାୟକ ସତ କିନ୍ତୁ ସେଗୁଡ଼ିକ ପ୍ରକୃତରେ ଜୈବିକ ଉପାୟରେ ଉତ୍ପାଦିତ ହେଉଛି ନା ନାହିଁ ତାହାକୁ ତଦାରଖ କରିବା ସରକାରଙ୍କ ଦାୟିତ୍ୱ। ତେବେ ଏ କ୍ଷେତ୍ରରେ ସରକାରଙ୍କ ଉପରେ ଦୋଷ ଲଦିଲେ ଚଳିବନି କାରଣ ଏହି ଦାୟିତ୍ୱ ସବୁ ଆମ୍ଭମାନଙ୍କର।

# ଭକ୍ତ କୁଳ ତିଳକ ହନୁମାନ ଜୀ କି ଜୟ !




ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା ଛଳରେ ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସତ୍ୟଯୁଗର ଆଉ ଏକ ନାମ କୃତଯୁଗ ବା କ୍ରିୟାନ୍ୱିତ ଯୁଗ। ସକ୍ରିୟ ନ ହେଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ। ସତ୍ୟଯୁଗ ମୋର ମନେହୁଏ ବଞ୍ଚିବା ଓ ବଢ଼ିବାର ଯୁଗ। ସତ୍ୟଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋଳଅଣା। ସତ୍ତା ସେତେବେଳେ ପୂର୍ଣ୍ଣତମ ତେଜରେ ଆଗେଇ ଚାଲେ। ବଞ୍ଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତ୍ତିପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ। ତ୍ରେତୟାରେ ଧର୍ମ ତିନିପାଦ ଓ ଅଧର୍ମ ଏକ ପାଦ। ସେତେବେଳେ ମଧ୍ୟ ବଞ୍ଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ରହିଛି। ଦ୍ୱାପରରେ ଧର୍ମ ଦୁଇପାଦ ଓ ଅଧର୍ମ ମଧ୍ୟ ଦୁଇପାଦ। ସତ୍ତା ଓ ପ୍ରବୃତ୍ତି ଦୁଇ ଦିଗରେ ମନୁଷ୍ୟର ସମାନ ଝୋଁକ୍। ପ୍ରବୃତ୍ତିପରାମୃଷ୍ଟତା ଯୋଗୁଁ ସତ୍ତାର ଜ୍ୟୋତି କ୍ଷୀଣ ହୋଇଉଠେ। ଆଉ କଳିରେ ଅଧର୍ମ ତିନିପାଦ ଓ ଧର୍ମ ଏକପାଦ। ସତ୍ତାକୁ କ୍ଷୁର୍ଣ୍ଣ କରି ପ୍ରବୃତ୍ତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ମଧ୍ୟ ପାଇବା ଓ ଉପଭୋଗର ଦୂରନ୍ତ ଲାଳସା। ଯାହାର ନମୁନା ଚର୍ତୁଦିଗରେ ଦେଖାଯାଏ।

ତ୍ରେତୟାରେ ନୟନାଭିରାମ ଶ୍ରୀରାମଚନ୍ଦ୍ରଙ୍କର ବେଷ୍ଟନୀ ଥିଲା ଅତ୍ୟନ୍ତ ସୁଦୃଢ଼। ଏହି ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ପାଖରେ ପରମବୀର ହନୁମାନ, ଜାମ୍ବୁବାନ, ସୁଗ୍ରୀବ, ଅଙ୍ଗଦ, ନଳ, ନୀଳ ଓ ବିଭୀଷଣ ସମସ୍ତେ ମିଶି ଏକ ଶକ୍ତିଗୁଚ୍ଛ ହିସାବରେ ପ୍ରଭୁଙ୍କର ରକ୍ଷଣା ବେକ୍ଷଣ ଦାୟିତ୍ୱରେ ଥିଲେ। ହଜରତ୍ ରସୁଲଙ୍କର ମଧ୍ୟ ଏକ ଶକ୍ତିମାନ ଗୁଚ୍ଛ ଥିଲା। ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ସ୍ୱସ୍ତି ନିମିତ୍ତ ସମସ୍ତ କାର୍ଯ୍ୟ କରିଛନ୍ତି। ଏହା ହିଁ ତାଙ୍କର ଆତ୍ମପ୍ରସାଦ ଥିଲା ଓ ଏହା କରିବାକୁ ଯାଇ ତାଙ୍କର ଶକ୍ତି ଦିନକୁ ଦିନ ବଢ଼ି ଉଠିଥିଲା। ତାଙ୍କର ଇତର ଅହଂକାର ନଥିଲା। ଚାହିଁବା ଓ ପାଇବାର ପ୍ରଶ୍ନ ମଧ୍ୟ ନଥିଲା। ଏକମାତ୍ର ଚାହିଦା ଥିଲା ପ୍ରଭୁଙ୍କର ପରିପୂରଣ ଓ ଶାନ୍ତି। ଏଥିପାଇଁ ତାଙ୍କର ଶକ୍ତିର ପରିସର ଦିନକୁ ଦିନ ବଢ଼ି ଉଠିଥିଲା। ଧର୍ମ ଯେଉଁଠାରେ ସେଠାରେ ବୀର୍ଯ୍ୟ, ଯଶ ଓ ଐଶ୍ୱର୍ଯ୍ୟ। ଭକ୍ତି କେତେବେଳେ ହେଲେ ମନୁଷ୍ୟକୁ ଦୁର୍ବଳ କରେନାହିଁ ବରଂ ମନୁଷ୍ୟକୁ ଚିରପରାକ୍ରମଶୀଳ ଉର୍ଜ୍ଜୀ ଅନୁରାଗ ସଂପନ୍ନ ଭକ୍ତ କରି ଉଠାଏ। ଭକ୍ତ କେତେବେଳେ ହେଲେ ଇଷ୍ଟଙ୍କର ବୋଝ ହୋଇଉଠେ ନାହିଁ, ଗଳଗ୍ରହ ହୋଇଉଠେନାହିଁ ବରଂ ନିଜର ସମସ୍ତ ବଳ ଓ ପରାକ୍ରମ ଦେଇ ପ୍ରଭୁଙ୍କର ସେବାକରେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ପରମବୀର ହନୁମାନ। ଆମ୍ଭମାନଙ୍କୁ ପ୍ରଭୁ ରାମଚନ୍ଦ୍ରଙ୍କୁ ଅନୁସରଣ କରିବାକୁ ହେବ ହନୁମାନ ଭଳି ଭାବ ଓ ଭକ୍ତି ନେଇ। ହନୁମାନ ହେଉଛନ୍ତି ଭକ୍ତମାନଙ୍କର ରାଜା। ଦୈତ୍ୟରାଜ ରାବଣକୁ ଭଗବାନ ରାମ କ୍ଷମା କରିଦେଇଥିଲେ କିନ୍ତୁ ହନୁମାନ କ୍ଷମା କରିନାହାନ୍ତି। ଭକ୍ତି ସହକାରେ କହିଥିଲେ- ଆପଣଙ୍କ ଶତ୍ରୁକୁ ଆପଣ କ୍ଷମା କରିପାରନ୍ତି କିନ୍ତୁ ମୁଁ କ୍ଷମା କରିପାରିବି ନାହିଁ। ଏହା ହିଁ ହେଉଛି ସଚ୍ଚା ଅନୁରାଗର ନିଶାଣା। କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଆତ୍ମପ୍ରତିଷ୍ଠାର ନିର୍ବାଧ ପନ୍ଥା ହେଲା ଇଷ୍ଟ ପ୍ରତିଷ୍ଠା। ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହେଲେ ଓ ନିଜେ ମଧ୍ୟ ଅମର ହେଲେ। ଭକ୍ତ ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କ ସେବା ଓ ପ୍ରୀତି ନିମିତ୍ତ ଉଦ୍ଦିଷ୍ଟ, ଆଉ ଏହା ପାଇଁ ତାଙ୍କ ମନରେ ଅହଂକାର ନାହିଁ ଏବଂ ପ୍ରଭୁଙ୍କର ଶକ୍ତିରେ ଶକ୍ତିମାନ ବୋଲି ତାଙ୍କର ହୃଦ୍‌ବୋଧ ଥିଲା। କୁଳମାଲିକ ପରବ୍ରହ୍ମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପୁଣି କହିଛନ୍ତି - ଭକ୍ତବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କ ପାଖକୁ ଆସିଥିଲେ ତାଙ୍କର ବ୍ୟକ୍ତିଗତ କାମନା, ବାସନା ଓ ମନ୍ତ୍ରୀ ହେବା ପାଇଁ କିନ୍ତୁ ପ୍ରଭୁଙ୍କର ଅପାର କୃପା ଓ ହନୁମାନଙ୍କର ଅହେତୁକ ଭକ୍ତି ଯୋଗୁଁ ସମସ୍ତ କାମନା ବାସନା ଭକ୍ତି ଅଗ୍ନିରେ ନିର୍ବାପିତ ହେଲା ଓ ଭକ୍ତକୁଳତିଳକ ପରମବୀର ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କର ଶ୍ରେଷ୍ଠ ଭକ୍ତ ହିସାବରେ ପରିଗଣିତ ହେଲେ। ପ୍ରଭୁ ରାମଚନ୍ଦ୍ରଙ୍କୁ ସୁଖୀ କରିବା, ତାଙ୍କର ମୁହଁରେ ହସ ଫୁଟାଇବା, ତାଙ୍କ ଇଚ୍ଛା ପରିପୂରଣ କରିବା ଛଡ଼ା ଅନ୍ୟ କୌଣସି ଚାହିଦା ଭକ୍ତ ହନୁମାନଙ୍କର ନଥିଲା। ଏହି ପଥରେ ଆତ୍ମ ନିୟନ୍ତ୍ରଣ, ଭଗବାନ ଲାଭ, ସୁଖ ଓ ଶାନ୍ତି, ଆନନ୍ଦ, ଜୟ, ଯଶ, ଐଶ୍ୱର୍ଯ୍ୟ, ସାଫଲ୍ୟ ଓ ସାର୍ଥକତା ସବୁକିଛି ହନୁମାନଙ୍କ କରତଳଗତ ହୋଇଉଠିଥିଲା ଓ ସେ ଅଷ୍ଟସିଦ୍ଧି ଓ ନବନିଧିର ଦାତା ହୋଇଉଠିଥିଲେ। କୁରୁକ୍ଷେତ୍ର ସମରରେ ଭଗବାନ କ୍ରୀଷ୍ଣ ଭକ୍ତବୀର ଅର୍ଜୁନଙ୍କୁ ଗୀତାର ମାହାତ୍ମ୍ୟ ବୁଝାଇଥିବା ସମୟରେ ଭକ୍ତକୁଳତିଳକ ହନୁମାନ ସେହି ରଥର ଶିଖରରେ ବସିଥିଲେ ଓ ସେହିରଥକୁ କପିଧ୍ୱଜ କୁହାଯାଏ। ଆଜି ପବିତ୍ର ହନୁମାନ ଜୟନ୍ତୀରେ ପରମ ଭକ୍ତ ହନୁମାନଙ୍କର ଗୁଣ, ବୀର୍ଯ୍ୟ, ଭକ୍ତି ଓ ସାମର୍ଥ୍ୟକୁ ସ୍ମରଣ କରି ସମଗ୍ର ମାନବ ସମାଜକୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଉର୍ଜ୍ଜୀଭକ୍ତିର ପରମ୍ପରାକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଜୟଶ୍ରୀ ରାମ। ଜୟ ଶ୍ରୀ ହନୁମାନ।

# ରକ୍ତ ଜୁଡୁବୁଡୁ ରକ୍ତ ସମ୍ପର୍କ

ପବିତ୍ର ମହାବିଷୁବ ସଂକ୍ରାନ୍ତି ଓଡ଼ିଆଙ୍କ ପାଇଁ ଏକ ପବିତ୍ର ଓ ଆଧ୍ୟାତ୍ମିକର ଦିନ। କିନ୍ତୁ ଏହା ପୂର୍ବରୁ ଓଡ଼ିଶାବାସୀଙ୍କ ପାଇଁ ଯେଉଁ ଅଘଟଣ ଘଟିଗଲା ତାହା ଅତ୍ୟନ୍ତ ମର୍ମନ୍ତୁଦ ଓ ଦୁଃଖଦାୟକ ଯାହାକୁ ଯେତେ ଭାଷାରେ, ଭାବରେ ବ୍ୟକ୍ତ କଲେ ବି ଖୁବ କମ୍ ପଡ଼ିଯିବ। ସମ୍ପର୍କ ପାଇଁ ନିଜ ବଡ଼ ଭାଇର ତମାମ ବଂଶକୁ ନିର୍ବଂଶ କରିଦେଲା ସାନଭାଇ ଏହା ଠାରୁ ଆଉ କ'ଣ ଦୁଃଖ ଥାଇପାରେ ? ଜୀବନଟା କ'ଣ ଏୟା ? ସମ୍ପତ୍ତି, ପ୍ରତିପତ୍ତି, ମୋହ, ଆଭିଜାତ୍ୟ, ବଂଶବୁନିଆଦିଠାରୁ ପଛରେ ପଡ଼ିଗଲା ରକ୍ତର ଡାକ ? ଦୁନିଆରେ ଅନେକ ଘଟଣା ଅଛି ଯେଉଁଠି ନିଜ ରକ୍ତର ଲୋକ ପର ହୁଅନ୍ତି କିନ୍ତୁ ବାହାର ଲୋକ ନିଜ ରକ୍ତ ଲୋକଙ୍କଠାରୁ ବହୁତ ବଡ଼ ହୋଇଯାଆନ୍ତି। ଆମେ ଖବରକାଗଜରେ ଅନେକ ଖବର ଦେଖୁ ଜଣେ ଅପରିଚିତ ଅସହାୟକୁ ଜଣେ ରକ୍ତଦାନ କରି ଜୀବନ ବଞ୍ଚାଉଛି, ଅର୍ଥଦାନ କରି ତା ପରିବାରକୁ ଚଳାଇ ପାରୁଛି ସେ ଲୋକଟିର ସ୍ୱାର୍ଥ କ'ଣ ଥାଏ ? ମାହାଙ୍ଗା ଅଞ୍ଚଳର ପାଞ୍ଚଜଣଙ୍କୁ ଅତ୍ୟନ୍ତ ବିଭତ୍ସ ଭାବେ ସାନ ଭାଇଟି ହତ୍ୟା କଲାପରେ ଯେଉଁ ଦୁଃଖଦ ଓ ଅଭାବିତ ଭାବାବେଗ ସୃଷ୍ଟି ହୋଇଛି ତାହା ଓଡ଼ିଶାରେ ବିରଳ। ପ୍ରଶ୍ନ ଉଠୁଛି ଜଣଙ୍କର ସମ୍ପତ୍ତି, ପ୍ରତିପତ୍ତି, ଆଭିଜାତ୍ୟ ରହିବା ସ୍ୱାଭାବିକ କଥା ଏହାକୁ କେହି ମନା କରୁନି। କିନ୍ତୁ ଏହା ପ୍ରତିବଦଳରେ କ'ଣ ଆମେ ଆମ ନିଜ ରକ୍ତର ବଂଶକୁ ନିର୍ବଂଶ କରିଦେବା ? ଜୀବନରେ ତାହାହେଲେ ଏ ମାୟା ମୋହ ସମ୍ପତ୍ତି କ'ଣ ପାଇଁ ? ଜୀବନଟା କ'ଣ କେବଳ ଅର୍ଥ, ସ୍ତ୍ରୀ ସମ୍ଭୋଗ କ୍ଷମତା ପାଇଁ ? ସମଗ୍ର ଓଡ଼ିଶାରେ ଏହି ଘଟଣାଟି ହଇଚଇ ସୃଷ୍ଟି କରିଛି। ଗଣମାଧ୍ୟମରେ ପ୍ରମୁଖ ଖବର ଭାବେ ପ୍ରକାଶିତ ହୋଇଛି। କିଛି ଦିନ ଯିବ ଆମେ ସମସ୍ତେ ଭୁଲି ଯିବା କିନ୍ତୁ ଏହି ଭୁଲି ଯିବାର ଅନ୍ତରାଳରେ ଯେଉଁ ପର୍ଦ୍ଦା ପଛର କୁତ୍ସିତ ଚରିତ୍ର ରହୁଛି ତାକୁ ଆମେ ଛାଡ଼ି ପାରିବା ତ ? ସ୍ୱାର୍ଥପାଇଁ ନିଜ ବଂଶକୁ ନିଜ ରକ୍ତକୁ ନିଜ ପରିବାରକୁ ପୋଛି ଦେବା ପରି କୁତ୍ସିତ ମହାନାୟକ ଏ ସମାଜରେ ଆଉ ସୃଷ୍ଟି ନହୁଅନ୍ତୁ ଓଡ଼ିଶାବାସୀ ଏହି ପ୍ରାର୍ଥନା କରନ୍ତୁ। ଯେତେବେଳେ ଜଣେ ନିଜ ଲୋକଟିଠାରୁ ସାହାଯ୍ୟ ପାଇନଥାଏ ସେତେବେଳେ ସିଏ ଜଣେ ଅପରିଚିତ ଲୋକଠାରୁ ପାଏ କିନ୍ତୁ ସେ ଲୋକଠାରୁ ସ୍ୱାର୍ଥ କ'ଣ ଥାଏ ? ଆମ ଜୀବନରେ ସୁଖଦୁଃଖ, ଭଲମନ୍ଦ, ଅଭାବ ଅନଟନ ତ ଲାଗିରହିବ ଏହା ଦୁନିଆର ବ୍ୟବସ୍ଥା। କିନ୍ତୁ ଆମେ କ'ଣ ତାହା ପାଇଁ ଆମ ଜୀବନର ମୂଲ୍ୟବୋଧକୁ ଭୁଲିଯିବା ? ତାହାହେଲେ ଏ ମଣିଷ ଜୀବନ ଧିକ୍ ନିଶ୍ଚୟ ଯାହାକୁ ଯେତେ କଠୋର ଶବ୍ଦରେ, କଠୋର ଭାଷାରେ ବ୍ୟକ୍ତ କଲେ ବି କମ୍ ହେବ। ଏହି ଲେଖକ ତା ଜୀବନରେ ଅନେକ ଭଲ ପାଇବାର ମୂଲ୍ୟବୋଧକୁ ସମାଧି ଦେଇଦେଇଛି। କିନ୍ତୁ ବିଚ୍ୟୁତ ହୋଇନାହିଁ କାରଣ ତା ମାଆ, ତା'ପରିବାର ଓ ତା' ସଂସାର, ଆତ୍ମୀୟ ଓ ତା'ନିଜ ଲୋକମାନଙ୍କ ମୁହଁକୁ ଦେଖି। କାରଣ ଏହି ଜୀବନଟି କେବଳ ଭଲ ପାଇଥିବା ଜଣଙ୍କ ପାଇଁ ନୁହେଁ। ଏ ଜୀବନଟା ଗଣଙ୍କ ପାଇଁ। ଅନେକ ଏହି ଲୋକଠାରୁ ସ୍ନେହ, ଶ୍ରଦ୍ଧା, ଭଲ ପାଇବା, ସମାଜ ସେବା ଚାହାଁନ୍ତି କିନ୍ତୁ ତାହା ସମ୍ଭାବିତ ହୋଇପାରିଥାଏ ସେତେବେଳେ ଯେଉଁ ସମୟରେ ସିଏ ନିଜ ପରିବାରକୁ ଚାହିଁଥାଏ, ନିଜ ସ୍ୱାର୍ଥ ବା ଦେହ ଭୋଗକୁ ନୁହେଁ। ଆଜି ସମଗ୍ର ଓଡ଼ିଶା କାନ୍ଦୁଛି ଏହି ଘଟଣା ପାଇଁ। ଭଗବାନ ମହାପ୍ରଭୁ ଶ୍ରୀଜଗନ୍ନାଥ ନକରନ୍ତୁ ଆଉ ଏପରି ଏକ ନୂଆ ଅଘଟଣର ଅଧ୍ୟାୟ ତିଆରି ନ ହେଉ। ଜୀବନଟା କେବଳ ସମ୍ପତ୍ତି ବା ପ୍ରତିପତ୍ତି ବା ବଂଶବୁନିଆଦି ପ୍ରତି ନହେଉ। ଜୀବନ ଅଛି ତ ସଂସାର ଅଛି ନିଶ୍ଚୟ ଏବଂ ଜୀବନ ଜୀବିକା ନିଶ୍ଚୟ। କିନ୍ତୁ ତାହା କେବେ କାଳର କରାଳ ରୂପ ଭିତରେ ଅଘଟଣ ରୂପ ନନେଉ।




# ଭାଇ



ବିପ୍ଳବ

ପବିତ୍ରା ବୋଧହୁଏ ଗାଢ଼ ନିଦରେ ଶୋଇ ପଡିଛନ୍ତି ? ଅନ୍ଧାରର ପରଦା ଆଡ଼ ?ଇ ପବିତ୍ରାଙ୍କ ମୁହଁ ପାଖକୁ ମୁହଁ ନେଲେ ପଙ୍କଜ । କିଟି କିଟି ଅଫିମ ଅନ୍ଧାର। କିଛି ଦିଶୁନି। କେବଳ ପବିତ୍ରାଙ୍କ ଘୁଙ୍ଗୁଡ଼ି ଶବ୍ଦ ହିଁ ତାଙ୍କ ଗାଢ଼ ନିଦର ଏକ ମାତ୍ର ପ୍ରମାଣ। ଉପର ପଙ୍ଖାଟି ବୁଲୁଛି ଯେ ସେଥିରୁ ମିଳୁଥିବା ପବନ ଟିକକ ଅପେକ୍ଷା ତା'ର କର୍କଶ ଶବ୍ଦ ବେଶୀ ଅସୁଖ ଲାଗୁଚ଼ି।

ଘରର କବାଟ, ଝରକା ସବୁ ଖୋଲା ଗୁଳୁଗୁଳି ନଲାଗିଲେ ବି ଥଣ୍ଡା ବି ଲାଗୁନି। ଘଷି ନିଆଁ ଚୁଲି ପାଖରେ ବସିବା ପରି ଉଷୁମ ଲାଗୁଚ଼ି ସବୁଆଡ।

ଆସ୍ତେ ଆସ୍ତେ ପାଦ ଚ଼ିପି ବାହାରକୁ ଆସିଲେ ପଙ୍କଜ ଯେମିତି ପବିତ୍ରାଙ୍କ ନିଦ ଆଦୌ ନ ଭାଙ୍ଗେ। ବାହାରେ ଚ଼ତୁର୍ଦ୍ଦଶୀ ଜହ୍ନ। ନିଶୁନ୍ ରାତି। ଗଛ ବୃଚ଼ଛ ସବୁ ସ୍ଥିର ନିଶ୍ଚଳ। ନିସ୍ତବ୍ଧ ରାତିରେ ଯାହା ଅଳ୍ପ ଅଳ୍ପ ଶୁଭୁଥାଏ ପବିତ୍ରାଙ୍କ କ୍ଷୀଣ ଘୁଙ୍ଗୁଡ଼ି, ପଙ୍ଖା ର କଡ କଡ ଶବ୍ଦ ଆଉ ଭାଇଙ୍କର ଖୁଁ ଖୁଁ କାଶ।

ବାରିପଟ ଅଗଣାରେ ବିରାଟ ଆମ୍ବଗଛ । ଏ ବର୍ଷ ଆମ୍ବ ବି' ଓଦର ପାଖା ପାଖି ଫଳିଛି। ଦେଖିଲେ ପର ଲୋକଙ୍କ ଦୃଷ୍ଟି ପଡ଼ିଯିବ। ମାଙ୍କଡ ପଲ୍ଲ ସକାଳୁ ସଞ୍ଜ ଯାଏଁ ଭାଡ଼ି ପକାଇଛନ୍ତି ଯେମିତି। ଯେତେ ଯାହା କଲେ ଜାଗା ଛାଡି ଯିବାକୁ ନାରାଜ। ସଞ୍ଜ ହେଲେ ଆମ୍ବ ଗଛ କଡ଼ରେ ଥିବା ଧାନ ଘର ଆଟୁରେ ପଶି ଯାଉଛନ୍ତି, ପୁଣି ସକାଳ ହେଲେ ତାଙ୍କର ନାଟ ଆରମ୍ଭ। ଆମ୍ବ ଗଛ ଠିକ୍ ପାଖରେ ଭାଇଙ୍କ ଘର। ସେଇ ଘର ସାମନାରେ ଦଉଡ଼ିଆ ଖଟ ପକେଇ ଶୋଇଛନ୍ତି ପଙ୍କଜଙ୍କ ବଡ ଭାଇ ପ୍ରହଲ୍ଲାଦ। ଭୟଙ୍କର ମଧୁମେହ ରୋଗୀ। ଡାହାଣ ପାଦର ବୁଢ଼ା ଆଙ୍ଗୁଠି ଆଉ ତା କଡ଼କୁ ଲାଗିଥିବା ଗୋଟିଏ ଆଙ୍ଗୁଠି ପଚ଼ି ଯାଇ କଟା ହୋଇଚ଼ି। ଅବଶ୍ୟ ସେ ଘା ଶୁଖି ଗଲାଣି। ମାତ୍ର ବାଁ ପାଦର କାଣୀ ଆଙ୍ଗୁଠି ଘା ଶୁଖିବାର ନାଁ ଗନ୍ଧ ଧରୁନି । ସେଥିରେ ପୁଣି ବାମ ହାତ ମଣିବନ୍ଧଠୁଁ ଅଚ଼ଳ। ଡାହାଣ ଗୋଡ଼ ଗାଧୁଆ ଘର ମାର୍ବଲ ଚ଼ଟାଣରେ ପଡ଼ି ଭାଙ୍ଗି ଯାଇଛି। ଶରୀର କଷ୍ଟ ଅସହ୍ୟ। ସେଥିରେ ପୁଣି ପିଲା ମାନଙ୍କର ବ୍ୟବହାର ତଦୃପ। ପ୍ରବଳ କାଶ ଯୋଗୁଁ କରୋନା ଆଶଙ୍କାରେ ବଡ ବୋହୂ ଅଟୋ ଟିଏ କରି ଆଣି ଗାଁ ଘରେ ଛାଡ଼ିଦେଇ ଯାଇଚ଼ି। ତିନି ତିନିଟି ପୁଅ। ମାସଟିଏ ପାଖରେ ରଖିବାକୁ ନାରାଜ। ବାପର ଯତ୍ନ ନେବା କଥା ଛାଡ ବାପାକୁ ଛାଡି ଆସିବାକୁ ଛୁଟି ମିଳିଲାନି ତାଙ୍କୁ। ବାପ କଷ୍ଟ କରି ଦରମା, ପେନସନ ଟଙ୍କା ସଞ୍ଚୟ କରି ଯେଉଁ ବିରାଟ ବିଲ୍ଡିଂ ଭୁବନେଶ୍ୱରରେ କରିଛି ରହିବାକୁ ସମସ୍ତେ ଆଗ୍ରହୀ। ଏଠି ଅସୁସ୍ଥ ଲୋକଟା ପୁରା ଏକା। ବିଲରେ କାମ ପାଇଟି କରୁଥିବା ରାଧୁଆ ସିଠ ନାତୁଣୀ ଆସି ବୋଲ ହାକ କରି ଦେଇ ଯାଉଚ଼ି। ପତ୍ନୀ ଚ଼ାରିବର୍ଷ ହେବ ସ୍ୱର୍ଗବାସୀ।

ଭାଇଙ୍କର ଏ ଅସହାୟତା ଦେଖି ବଡ ବ୍ୟସ୍ତ ହୋଇ ଯାଉଥିଲେ ପଙ୍କଜ। ଗୋଟିଏ ରକ୍ତର। ଗୋଟିଏ ମା ପେଟର ଭାଇ। ତାଙ୍କରି ଆଖି ଆଗରେ ଦୟନୀୟ ଅବସ୍ଥାରେ ସେ ପଡ଼ିଥିବେ ଆଉ ଇଏ ଅଣଦେଖା କରିଦେବେ କେମିତି ?

ବିଲ ବାଡ଼ି କାମ ସାରି ଦି ପହରେ ଫେରିବା ବେଳେ ହାତ ଗୋଡ଼ ଧୋଇ ହେବାର ବାହାନା କରି ବାରି ପଟକୁ ଚ଼ାଲି ଆସନ୍ତି ପଙ୍କଜ। ଭାଇଙ୍କ ଖିଆ ପିଆ କଥା ବୁଝନ୍ତି। ଦୁଇପଦ ଦୁଃଖ ସୁଖ ହୋଇ ଫେରିଯାଆନ୍ତି। ଯଦି ପବିତ୍ରାଙ୍କର ଆଖି ପଡ଼ିଲା ତେବେ ଗର ଗର ହୁଅନ୍ତି। ଘରେ କଥା ବାର୍ତ୍ତା ମଝିରେ ଭୁଲ୍ ରେ ଯଦି ବଡ ଭାଇଙ୍କ ପ୍ରସଙ୍ଗ ଆସିଯାଏ ତେବେ କଥା ସରିଲା। ଘରେ ତୁମୁଳ କାଣ୍ଡ ହୁଏ। ବେଳେବେଳେ ପବିତ୍ରା ବି ରୁଷି ନଖାଇ ନ ପିଇ ଶୋଇ ପଡନ୍ତି। ଏବେ ସବୁ ଦେହ ସୁଆ ହୋଇ ଗଲାଣି। ପଙ୍କଜ ଆଉ ପୂର୍ବ ପରି ରାଗନ୍ତି ନାହିଁ। ପବିତ୍ରା ଅଭିମାନ କଲେ କି ରୁଷିଲେ ସେ ଛୋଟ ଛୁଆଟା ପରି ତାଂକୁ ମନେଇ ନିଅନ୍ତି। ଦିନେ କଥା ଛଳରେ ପଙ୍କଜ କହିଥିଲେ ' ମୁଁ ସଂସାର ର ସବୁଠୁଁ ସୁଖୀ ଲୋକ। ପିଲା ଦିନେ ବାପା ବୋଉ କଳିଲାଗି ବୋଉ ରୁଷିଥିଲେ ମୁଁ ଓପାସ ରହି ବୋଉକୁ ମନୋଉ ଥିଲି, ଯେବେ ଆମର ଝିଅ ହେଲା ସେ ଯେବେ ରୁଷୁ ଥିଲା ମୁଁ ମନୋଉଥିଲି, ଆଉ ଏ ବୁଢ଼ା ବୟସରେ ତମେ ରୁଷିଲେ ତମକୁ ମନୋଉଛି ।'

ପବିତ୍ରାଙ୍କ ଆଖି ଛଳ ଛଳ ହୋଇଗଲା ଲୁହରେ।

ଆହାଃ... କେତେ ନିଛଳିଆ ହୃଦୟ ! ଏମିତି ଲୋକଟିଏ ଜୀବନରେ ପାଇ କେମିତି ବେଳେ ବେଳେ ଏତେ ନିର୍ଦ୍ଦୟ ହୋଇ ଯାଉଛନ୍ତି ସେ.. ? କେବେ ପୁଅଟିଏ ଦେଇ ପାରିନି ବୋଲି ବାର ଲୋକ ବାର କଥା କୁହନ୍ତି। ହେଲେ ତାଙ୍କ ପାଟିରୁ ପଦୁ ଟିଏ ଶୁଣି ନାହାଁନ୍ତି ସେ ବିଷୟରେ। ତାଙ୍କ ସାଙ୍ଗ ବାଲୁରି କଥା ମନେ ପକେଇ କାନ୍ଦି ପକାଉଥିଲେ ସେ। କଥା କଥାକେ ତା ଶାଶୁ ପୁଅ ଆଣ୍ଟୁକୁଡ଼ୀ କହି ଗାଳି କରୁଥିଲା ତାକୁ । ଦିନେ କୁଆଡ଼େ ମଦ ପିଇ ସ୍ୱାମୀ ମାଡ ମାରିଲା,ପୁଣି ତତଲା ଲୁହା ଖଡ଼ିକା ରେ ଅଥାନ ନାଛି ଦେଇଥିଲା। ପବିତ୍ରା ଶିହରି ଉଠନ୍ତି ଏ କଥା ଭାବି।

ସେଇ ଦିନରୁ ସେ ପଙ୍କଜଙ୍କ ଉପରେ ରାଗି ପାରନ୍ତି ନାହିଁ । ଏବେ ତାଙ୍କ ଦେଢ଼ଶୁର ଆସି ଗାଁ ରେ ରହିବା ପରେ ସାମାନ୍ୟ ଅସୁଖୀ ହୋଇ ଯାଇଛନ୍ତି। ପବିତ୍ରାଙ୍କ ପେଟରେ ଲୁଣ ମିଳାଏ ନାହିଁ । ଯାହା ପାଇବେ ଠୋ ଠା କରି ମୁହେଁ ମୁହେଁ ଶୁଣେଇ ଦେବେ । ମନରେ ଛନ୍ଦ କପଟ କିଛି ନାହିଁ। ତାଙ୍କର ଏମିତି ସ୍ୱଭାବ ପାଇଁ ବେଳେ ବେଳେ ଦୁଃଖୀ ହୁଅନ୍ତି ପଙ୍କଜ। ହେଲେ ମୁହଁ ଖୋଲି କିଛି କହି ପାରନ୍ତି ନାହିଁ।

ପ୍ରହଲ୍ଲାଦଙ୍କ ଖୁଁ ଖୁଁ କାଶ ଯୋରରେ ଶୁଭିଲା । ପାଖକୁ ଗଲେ ପଙ୍କଜ, ଆସ୍ତେ କିନା ପଚ଼ାରିଲେ, 'ଭାଇ.. ପାଣି ଦେବି, ପିଇବ ?'

- କିଏ ପଙ୍କଜ.. ଏତେ ରାତି ହେଲାଣି ଶୋଇନୁ ?
- ନା, ନିଦ ନାହିଁ।
- ହଉ. ଦେ ପାଣି ଟୋପେ

ପଙ୍କଜ ଖଟ ତଳେ ଥିବା ବୋତଲରୁ ପାଣି ଢାଳିଲେ ଆଉ ଭାଇଙ୍କୁ ପିଆଇ ଦେଲେ।

- ଆରେ, ସାନ ବୋହୂ ଦେଖିଲେ ଗାଳି କରିବେ, ତୁ ପଳା।
- ନା ମ। ସେ ନିଘୋଡ଼ ନିଦରେ
- ଭାଇ.. ପବିତ୍ରା କଣ ତମକୁ କେବେ ଭାତ ବାଢ଼ି ଦିଏନି ?
- ତୁ ପାଗଳ ହେଲୁ ନା କଣ ? ସେ ଭାଇବୋହୂ , କେମିତି ଦେବେ ଖାଇବାକୁ । ତୁ ଏମିତି ପ୍ରଶ୍ନ କାହିଁକି ପଚ଼ାରୁ ? ତୁ କଣ ଜାଣିନୁ ସାନ ବୋହୂ ମୋତେ ଘୃଣା କରନ୍ତି, ମୋ ନାଁ ଶୁଣିଲେ ବିରକ୍ତ ହୁଅନ୍ତି। ହଁ ଏଥିରେ ତାଙ୍କର ବା ଦୋଷ କଣ ?

ପଙ୍କଜଙ୍କର ସବୁ ମନେ ପଡୁଥିଲା। ପତିତ ପାବନଙ୍କ ନାଁ ଖଣ୍ଡ ମଣ୍ଡଳରେ ଡାକ। ବାପା ଥିଲେ ଚ଼ାରି ବାଟି ସମ୍ପତ୍ତିର ମାଲିକ।ଗୁହାଳରେ ଘୋଡ଼ା ଛୁଆ ପରି ହଳେ ବଳଦ । ଦୁଇ ହଳ ଦୁହାଁଳିଆ ଗାଈ । ବିଲ ବାଡ଼ି କାମ କରିବା ପାଇଁ ପାଖ ତଅଁଳା ସାଇର ତିନି ଜଣ ବର୍ତନିଆଁ ବର୍ଷ ସାରା ଖଟୁଥିଲେ । ସେମାନେ କେବଳ ଚ଼ାଷ ବାସ ନୁହେଁ ପାଖ ଡମପଡା ଜଙ୍ଗଲରୁ ଶଗଡ଼ରେ ପୋକସୁଙ୍ଗା ଝାଟି ଆଣିବାରେ ବି ସାହାଯ୍ୟ କରୁଥିଲେ। ବୋଉ ହାରାମଣୀ ବି କମ୍ ପରିଶ୍ରମୀ ନଥିଲେ। ବାପାଙ୍କ ସହିତ ସେ ଛାଇ ପରି ଲାଗି ରହୁଥିଲେ। ସାରା ବର୍ଷ ଘରେ ଫସଲ ଗଦା ହୋଇ ରହୁଥିଲା। ଧାନ, ମୁଗ, ବିରି, କୋଳଥ, କଖାରୁ, ଆଳୁ ଠୁଁ ଆରମ୍ଭ କରି ଧୂଆଁ ପତ୍ର ଯାଏଁ। ପୁନିଅ, ପରବ କି ଭାର ବେଭାର ପଇଲେ ଅଙ୍ଗାଏ କି ଦି ଅଙ୍ଗା ନୁହେଁ ଏକାଥରେ ତିନି ଭାର ଯାଏଁ ପନିପରିବା ଯାଉଥିଲା।

ସମୟ କ୍ରମେ ପ୍ରହଲ୍ଲାଦ ସରକାରୀ ଚ଼ାକିରୀରେ ଯୋଗଦାନ କଲେ ଆଉ ପଙ୍କଜ ଜମି ବାଡ଼ି, ହଳିଆ, ମୂଳିଆ ଚ଼ାଷ ବାସ କଥା ବୁଝି ଗାଁ ରେ ପଡ଼ି ରହିଲେ। ଉପଯୁକ୍ତ ସମୟରେ ଦୁଇ ଭାଇଙ୍କର ବିବାହ ମଧ୍ୟ ହୋଇଥିଲା। ପ୍ରହଲ୍ଲାଦ ସରକାରୀ ଚ଼ାକିରୀରେ ଥିବାରୁ ଗୋଟିଏ ବଡ ଲୋକ ଘରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା। ଟଙ୍କାର ସ୍ତ୍ରୀ ଉଚ୍ଚ ଶିକ୍ଷିତ ଥିଲେ ମଧ ଖୁବ୍ ଅହଙ୍କାରୀ ଥିଲେ। ସେଥିପାଇଁ ପ୍ରହଲ୍ଲାଦଙ୍କ ବିବାହ ପରେ ପରିସ୍ଥିତି ବିପରୀତ ହୋଇଥିଲା। ଶାଶୁ ହାରାମଣି ବିଲରେ କାମ ଦାମରେ ସାହାଯ୍ୟ କରିଥିବାରୁ ଦିନେ ବଡ ବୋହୂ କ୍ରୋଧ ଜର୍ଜରିତ ହୋଇ ତାଙ୍କୁ ମୁଲିଆଣୀ ବୋଲି କହିଦେଲେ। ପ୍ରହଲ୍ଲାଦ ଏ କଥା ଶୁଣି ନିରୁତ୍ତର ରହିଲେ। ଶିକ୍ଷିତ ବୋହୂର ଏପରି ବ୍ୟବହାର ଆଉ ପୁଅର ନିରବତା ପତିତ ପାବନଙ୍କୁ ମାନସିକ ଭାବରେ କଷ୍ଟ ଦେଲା। ପ୍ରତିବାଦ କରି ଗାଳି ଖାଇଲେ ପବିତ୍ରା। କିଛି ମାସ ଘର ଭିତରେ ଗୋଟିଏ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଲା। ବଡ ବୋହୂ ରୋଷେଇ କଲେ ଖାଇବେ ନାହିଁ ବୋଲି ହାରାମଣୀ ମନା କରିଦେଲେ। ବଡ଼ ବୋହୂ ବି ସଫା ସଫା କହିଦେଲା ସେ ରୋଷେଇ କରିବ ନାହିଁ କି ଏଠି ରହିବ ନାହିଁ। ଶେଷକୁ ପ୍ରହଲ୍ଲାଦ ନିଜ ସ୍ତ୍ରୀ ଜିଦ୍

ଆଗରେ ନତମସ୍ତକ ହେଲେ। ଘର ଭିତରେ ଗୋଟିଏ ଅଶାନ୍ତିର ବାତାବରଣରୁ ସାମୟିକ ମୁକ୍ତି ମିଳିଲା ସିନା ହେଲେ ଶାନ୍ତି ଫେରିଲା ନାହିଁ। ପତିତ ପାବନ ଆଉ ଚ଼ାଷ ବାସରେ ମନ ଦେଲେନି। ସାନ ପୁଅ ପଙ୍କଜ ଉପରେ ସବୁ ଗୁରୁ ଦାୟିତ୍ୱ ପଡ଼ିଲା।

ସେଦିନ ଥିଲା ରଜ ସଂକ୍ରାନ୍ତି। ଘରେ ପିଠା ପଣା ପାଇଁ ପ୍ରସ୍ତୁତି ଚ଼ାଲିଥାଏ। ଅଚ଼ାନକ ଆସି ପହଞ୍ଚିଲେ ପ୍ରହଲ୍ଲାଦ ଆଉ ତାଙ୍କ ସ୍ତ୍ରୀ। ଜମି ଭାଗକରିବାକୁ ଅଡି ବସିଲେ। ପତିତ ପାବନ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କ ସାମନାରେ କେବେ ସିଧା ହୋଇ ଠିଆ ହୋଇନଥିବା ପୁଅ ଆଜି ତାଙ୍କୁ ନାଲି ଆଖି ଦେଖାଉଚ଼ି ?

ସେ ବୋକା ପାଲଟି ଗଲେ। ତାଙ୍କ ଆଖି କ୍ରୋଧରେ ପ୍ରଜ୍ଜ୍ୱଳିତ ହୋଇ ଉଠିଲା। ହାତ ମୁଠା ଶକ୍ତ ହୋଇ ଦେହ ଥରିବାକୁ ଲାଗିଲା।

-' ଯା ଆଜିଠୁ ତତେ ମୁଁ ତେଜ୍ୟପୁତ୍ର କଲି।'

କ୍ରୋଧ ସମ୍ବରଣ କରି ନପାରି ଚ଼ିଲେଇଲେ ପତିତ ପାବନ।

- ଠିକ୍ ଅଛି, ଦେଖିବି ମୋ ଭାଗ ସମ୍ପତ୍ତିରୁ ମୋତେ କିଏ ବଞ୍ଚିତ କରିବ ?'

ଫୁଲ ପରି ହସୁଥିବା ଗୋଟିଏ ଛୋଟିଆ ସଂସାରରେ ନିଆଁ ଲାଗିଗଲା ଯେମିତି। ସେ ନିଆଁ ଆଉ ଲିଭିବାର ନୁହେଁ। ଗୋଟିଏ ସପ୍ତାହ ପରେ ପହଞ୍ଚିଲା ଓକିଲ ନୋଟିସ୍। ଆର୍ ଆଇ ଅଫିସ୍ ରେ ପୁଣି ଯୁକ୍ତିତର୍କ ଲାଗିଲେ ବାପ ପୁଅ। ପ୍ରହଲ୍ଲାଦ ଉତକ୍ଷିପ୍ତ ହୋଇ ଠେଲି ଦେଲେ ବାପାଙ୍କୁ। ସେଇଠି ହୃଦାଘାତ୍ ଶିକାର ହେଲେ ପତିତ ପାବନ। ମେଡ଼ିକାଲରେ କେବଳ ମୃତ ଘୋଷଣା ହେଲେ।

ଅତୀତର ଭଙ୍ଗା ଆଇନାରେ କ୍ଷତ ବିକ୍ଷତ ହୋଇଗଲେ ପଙ୍କଜ।

ନା.. ଆଗକୁ ସେ ଆଉ କିଛି ଭାବି ପାରିବେନି।

- ଆରେ ଅନ୍ଧାର ଠିଆ ହୋଇ କଣ ଭାବୁଚୁ ? ସକାଳ ହେବାକୁ କେତେ ବାକି ଅଛି କହ ତ ?
- ତମେ ଶୋଇପଡ ଭାଇ। ସକାଳ ହେବାକୁ ଅନେକ ବାକି ଅଛି।
- କୋଉ ନିଦ ହେଉଚ଼ି ଭୋକରେ ।
- ଭୋକରେ ?

ଆଶ୍ଚର୍ଯ୍ୟ ହେଲେ ପଙ୍କଜ। ତାହେଲେ କଣ ରାତିରେ ସେ ଖାଇ ନାହାଁନ୍ତି କିଛି ? ରାତି ଅଧଟାରେ କୋଉଠୁ କଣ ଆଣିବେ ?

ଆରେ ହଁ ମନେ ପଡ଼ିଲା, ଖଟ ତଳେ ରୁଟି ଅଛି।

- ଭାଇ ରୁଟି ଦୁଇ ପଟ ଆଣୁଚ଼ି। ତରକାରୀ ନାହିଁ।
- ଭାରି ଭୋକ ହେଉଚ଼ି। ଭାତ ହେଉ କି ରୁଟି ସବୁ ଚ଼ଳିବ। ମୋ ଡାଇବେଟିସ ବଢ଼ି ଶୀଘ୍ର ମରିଗଲେ ତରି ଯିବି।

ନିଜ ଜୀବନକୁ ଜଣେ ଏତେ ଘୃଣା କରିପାରେ ? ଆଶ୍ଚର୍ଯ୍ୟ ହେଲେ ପଙ୍କଜ।

ରୁଟି ଆଣି ଭାଇଙ୍କ ମୁଣ୍ଡ କଡ଼ରେ ବସିଲେ। ଗ୍ଲାସ୍ କୁ ପାଣି ?ାଳୁ ଢାଳୁ ପ୍ରହଲ୍ଲାଦ ବ୍ୟସ୍ତ ହୋଇ ଉଠିଲେ ।

- ମୋ ହାତ କାମ କରୁନି ଠିକ୍ ରେ। ଯୋଉ ହାତରେ ବାପାଙ୍କୁ ପେଲି ଦେଇଥିଲି ସେଇ ହାତ ଆଜି ଅଚ଼ଳ। ଯାହା ପାଇଁ ତମ ମାନଙ୍କ ଠୁଁ ଅଲଗା ହୋଇ ଯାଇଥିଲି ସେ ଆଜି ସେ ପାରିରେ। ତିନି ତିନିଟା ପୁଅ ପାଇଁ ଗର୍ବ ଅନୁଭବ କରୁଥିଲି। ପେନସନ ପାଉଛି ବୋଲି କେତେ ଦମ୍ଭ ଥିଲା ମନରେ । ହେଲେ ଜୀବନରେ ଟଙ୍କା ସବୁକିଛି ନୁହେଁ ଏଇ ତକ ବୁଝୁ ବୁଝୁ ଜୀବନ ସରିଗଲା ।

ପ୍ରହଲ୍ଲାଦଙ୍କ କଣ୍ଠ ଭାରୀ ହୋଇ ଆସୁଥିଲା। ଆଖି ମେଘୁଆ ହୋଇ ଆସୁଥିଲା.. ଯେମିତି ଏଇନା ବର୍ଷି ଯିବ !

- ତଣ୍ଟିରେ ଲାଗିବ ଭାଇ, କଥା କୁହନି, ପବିତ୍ରା ଉଠି ପଡିଲେ ରାଗିବ। ରୁଟି ପାକୁଳି କରି ଦୁଇ ??କ ପାଣି ପିଇଲେ ପ୍ରହଲ୍ଲାଦ ।
- କାଲି ତୁ ଦିନା ମୋହରୀ କୁ ଡାକିଦେ।

ମୋର ସବୁ ଜମି ବାଡ଼ି ତୋ ନାଁ ରେ କରିଦେବି।

- ଛିଃ.. ସେମିତି କୁହନ୍ତୁନି ଭାଇ। ମୋର ସମ୍ପତ୍ତି କଣ ହେବ ? ମୋ ଝିଅ ତ ବାହା ହୋଇ ଭଲରେ ଅଛି। ଆମେ ତ ବୁଢ଼ା ବୁଢ଼ୀ ହେଲୁଣି। ମୁଁ କୋଉ ହଳ କରି ପାରୁଚ଼ି ଆଉ ? ବରଂ ଯୋଉ ଅଳ୍ପ ଟିକକ ମୋର ଅଛି ତମ ପୁଅଙ୍କ ନାଁ ରେ ମୁଁ କରିଦେଲେ ମଲା ବେଳେ ମୋ ମୁଁହ ରେ ଟିକେ ନିଆଁ ଦେବେ।

ରାତି ସେମିତି ନିଶୁନ। ଦୁଇ ଭାଇ ଏବେ ଚ଼ୁପ୍। ଗଛ ପତ୍ର ସବୁ ହାତ ବାନ୍ଧି ବସିଛନ୍ତି କିଏ ରାଣ ଦେବା ପରି।

- ଦେହ ଜଳି ପୋଡ଼ି ଯାଉଚ଼ି ପଙ୍କଜ
- ବିଞ୍ଚଣା ଆଣିବି ନା ଟେବୁଲ୍ ଫ୍ୟାନ ?
- ନାଇଁ ଥାଉ। ସାନ ବୋହୂ ଉଠିଲେ ଗାଳି କରିବେ ତତେ।
- ଗାଳି କଲେ କରୁ। ତମେ ଆଗ ନା ସିଏ ଆଗ ? ଆଜି କିଛି କହିଲେ ମୁଁ ଡରିବିନି ଭାଇ। ଭଲ କି ଗଣ୍ଡଗୋଳ ହେବ।

ଘର ଭିତରକୁ ଗଲେ ପଙ୍କଜ। ଟେବୁଲ୍ ଫ୍ୟାନ ଆଣି ଭାଇଙ୍କ ମୁଣ୍ଡ କଡ଼ରେ ରଖିଲେ।

- ଭାଇ ତମ ବାହାର ପ୍ଲଗ୍ ରେ ଦେଉଚ଼ି। ଆମର ଟିକେ ଦୂର ହେବ।
- ହଉ ଦେଖିକି ଦେ. ସେଇଟା କାମ କରୁଛି କି ନାଇଁ ଆଗ ଦେଖ୍।

ଫ୍ୟାନ ଟି ଘାଇଁ ଘାଇଁ ବୁଲିଲା ।

- ଭାଇ ଏଥର ତମେ ଶୁଅ, ମୁଁ ଟିକେ ଉଣ୍ଡିଦିଏ, ସେ ଉଠିଲାଣି କି ନାଇଁ ?

କିଛି ସମୟ ପରେ ଫେରିଲେ ପଙ୍କଜ। ପ୍ରହଲ୍ଲାଦଙ୍କ ମୁଣ୍ଡ ଉପରେ ବସିଲେ ଆଉ ଧୀର ଗଳାରେ ପ୍ରଶ୍ନ କଲେ - ଭାଇ ଥଣ୍ଡା ଲାଗୁଚ଼ି ନା ?

ସେ କିଛି ଉତ୍ତର ଫେରେଇଲେ ନାହିଁ।

ଭାଇ... ହାତକୁ ଧରି ହଲେଇଦେଲେ ତାଙ୍କ ହାତ ବରଫ ପରି ଥଣ୍ଡା ଲାଗୁଥିଲା ଏବେ ।

ଚ଼ିଲେଇ ଉଠିଲେ ପଙ୍କଜ

ତାଙ୍କ ଚ଼ିତ୍କାର ଯେମିତି ଯୋଜନା ଯୋଜନ ଦୂର ଟପି ରାତ୍ରୀର ଛାତି ବିଦାରି ଦେଉଛି !

*ମକୁନ୍ଦ ପୁର, ବାଙ୍କୀ*

## ବାହୁଡ଼ା ଦଶମୀ

*ନିରଞ୍ଜନ ସାହୁ*



ଆଷାଢ଼ ଶୁକଳ ଦଶମୀ ତିଥିରେ
ବାହୁଡ଼ା ଯାତରା ହୁଏ
ରଥ ଟାଣିଟାଣି ରଥକୁ ନେଇକି
ଭକ୍ତ ସିଂହଦ୍ୱାରେ ଥୁଏ ।
ହରିବୋଲ ହୁଳହୁଳି ପଡୁଥାଏ
ନାଚୁଥାଏ ଭକ୍ତ ମନ
ଘୋଷ ଘାଣ୍ଟୁଆଙ୍କ ଘଣ୍ଟ ଶବଦରେ
ବିମୋହିତ ଭକ୍ତ ଜନ
ରଥେ ଠାକୁରଙ୍କୁ ଦେଖିଦେଇ ଭକ୍ତ
ଆପଣା ପାପକୁ ଧୁଏ ।
ରଥ ଟାଣିବାକୁ ଭକତ ମନରେ
ଆଗ୍ରହ କାହିଁ ଯେ କେତେ
ସେଥିପାଇଁ ବଡଦାଣ୍ଡ ଲୋକାରଣ୍ୟ
ଯୁଆଡେ ଚ଼ାହିଁବ ଯେତେ
ବାହୁଡ଼ା ଯାତରା ସମାପନ କରି
ଭକତ ଶାନ୍ତିରେ ଶୁଏ ।
ନିହଲ ପ୍ରସାଦ, ଗଁଡିଆ ପାଟଣା

*ଢେଙ୍କାନାଳ*
*ମୋ:୯୯୩୮୭୪୧୫୮୩*

## ଆହାଃ କି ସୁନ୍ଦର

*ସୁହଂସ ଭୋଇ*

ଆହାଃ କି ସୁନ୍ଦର ସୃଜନ ତୁମର
ଏହି ବିଶାଳ ସଂସାର
ଜନକ ପାଳକ ଲେଖକ ଯାହାର
ଅଟ ହେ ପରମେଶ୍ୱର
ଫୁଲକୁ ଦେଇଛ ନାନାଦି ବାସନା
ଫଳ ମଧ୍ୟେ ଦେଲ ରସ
ତଟିନୀକୁ ଦେଲ ନିରିମଳ ଜଳ
ଶିଶୁ ମୁଖେ ଦେଲ ହସ
ପବନକୁ ଗତି ତପନରେ କାନ୍ତି
ସଂଗୀତରେ ଦେଲ ସୁର
ଆହାଃ କି ସୁନ୍ଦର ସୃଜନ ତୁମର
ଏହି ବିଶାଳ ସଂସାର
ଧରିତ୍ରୀକୁ ଦେଲ ସହିବା ଶକତି
ଆକାଶକୁ ରଙ୍ଗ ନୀଳ
ସାଗର ଭିତରେ ଭରି ଦେଲ କେତେ
ହୀରା ମୁକ୍ତା ମାଳ ମାଳ
ମଣିଷକୁ ଦେଲ ଜ୍ଞାନ ବୁଦ୍ଧି ବଳ
ଅନଳକୁ ଜଳିବାର
ଆହାଃ କି ସୁନ୍ଦର ସୃଜନ ତୁମର
ଏହି ବିଶାଳ ସଂସାର

*ପହଣ୍ଡି, ବରଗଡ଼*
*ମୋ.୯୪୩୭୫୨୨୪୫୫*

## ସ୍ୱପ୍ନ କାହିଁକି ଦେଖିଲି



ହଜିଗଲା ମେଘ, ହଜିଗଲା କୁହୁଡି,
ହଜିଗଲା ବିଜୁଳି, ହଜିଗଲା ଲହଡ଼ି,
ନିଦ କାହିଁକି ହେଉନି, ମନେ ପଡୁଛି
ତୁମ କୋହଣି,
ହଜିନିତ ଆକାଶ, ହୟିନିତ ଘୋଣଣି,
ହୟିନିତ ମୋ ନୀତି, ହାଜିନିତ ପ୍ରକୃତି,
ନିଦ କାହିଁକି ହେଉନି,ପିଇଛିକି ତା
ରଙ୍ଗୀନ କାହାଣୀ,
ଗାଇବଜେ ଶୁଣିବି,
ଦେବକିଜେ ପଇବି,
ଦେଖାଇବଜେ ଦେଖିବି,
ନିଦ କାହିଁକି ହେଉନି,
ରାତି ମୋତେ ପିଉନୀ,
ମେଘ ଓ କୁହୁଡି ଭିତରେ ଏତେ
ବିଜୁଳିର ଲହଡ଼ି,
ମୂଷଳ ବର୍ଷା, ସ୍ୱପ୍ନ କାହିଁକି ଦେଖିଲି

*ଭବାନୀପାଟଣା*

## ଭଲ ମଣିଷ ଖୋଜା ଚାଲିଛି

*ମନୋରଞ୍ଜନ ବିଶୋୟୀ*

ଭଲମଣିଷ ଖୋଜୁ ଖୋଜୁ
କେତେବେଳେ
ନିଜେ ହଜିଯାଏ।
ଆଉ କେତେ ବେଳେ
ଏ ହଜିବା ଭିତରେ
କିଛି ମଣିଷକୁ
ଖୋଜି ପାଇଥାଏ।
ତଥାପି ମଣିଷର
ଅସଲ ଚେହେରାକୁ
କ'ଣ ଦେଖି ହୁଏ ?
ସେ କେଉଁ ରୂପରେ
ରୂପାନ୍ତର ପାଇଁ
ଅଭିଷେକ କରୁଥାଏ
ତାହା କ'ଣ
ସହଜରେ ଜାଣି ହୁଏ ?
ତା'ର ଗୋପନୀୟ ଇଚ୍ଛାକୁ
ଜାଣିବାର ଉପଲବ୍ଧି
ଆମ ପାଖରେ
ପହ ୍ଲା ବେଳକୁ
ସମୟ ହାତ ପାହାନ୍ତାରୁ
କୁଦା ମାରି ଚାଲି ଯାଇଥାଏ।
ସମୟ ଚାଲିଗଲା ପରେ
ଆଉ ଧରା ନ ଦେଇ
ଆମ ସହ ସେ
ଛାଇ ଆଲୁଅର ଖେଳ ଖେଳୁଥାଏ।
ତେଣୁ ତ ମଣିଷକୁ
ଯେତିକି ବୁଝାଯାଏ
ତା'ଠାରୁ ବେଶି ସେ
ଅବୁଝା ରହିଯାଏ।
ତଥାପି ନିଶବ୍ଦରେ ଆସି
କେହି ଜଣେ
କାନେ କାନେ କହିଯାଏ
ମୋତେ ଚିହ୍ନିବା ପୂର୍ବରୁ
ନିଜେ ନିଜକୁ ଚିହ୍ନିପାରିଲେ
ମୋତେ ଖୋଜି ପାଇବା
ସହଜ ହୋଇଥାଏ।

*ଦାମୋଦରପୁର, ଗଂଜାମ*
*ସଂପର୍କ: ୮୮୯୫୧୪୧୭୨୭*

## ସୂଚ଼ନାରେ ଦେଲି କହି

*ଭାସ୍କର ରାଉତ*



କୁସ୍ତି କସରତ କରିଣ ବହୁତ
ରାବିଡ଼ି କ୍ଷୀର ଖାଇଣ
ନିଶକୁ ମୋଡ଼ିକି ଛାତି ଫୁଲାଇକି
ବାହୁକୁ ସେ ହଲାଇଣ।
ବପୁ ଦେଖାନ୍ତି ନିଜର,
ନୁହେ ମୁଁ କାଳିଆ ମୁଁ ପରା ବଳିଆ
ସହିନି ଦାଉ କାହାର।
ମୋ ପାଖକୁ ଆସି ମୁରୁକି ସେ ହସି
ଦେଖାଏ ନିଜର ବଳ
ଚ଼ିହ୍ନିକି ସେ ମୋତେ ବେଖାତିରି ଏତେ
ଦେଖାଇନି ମୋର ବଳ।
ସଙ୍କ ?ତ ମାତ୍ର ଦେଇଛି,
ନୋହିଲେ ସୁଧାର ଦେଖିବ ଏଥର
କି ଫଳ ତା ପାଇଁ ଅଛି।
ବଣ୍ଟା ହୁଏ ଭାଗ କେ ଚ଼ଢ଼ିବ ଆଗ
ପଛକୁ କିଏ ଚ଼ଢ଼ିବ
ନିଜ ଚେହେରାକୁ କ୍ୟାମେରାରେ ତାକୁ
କେମିତିକା ଦେଖାଇବ।
ଇଏକିରେ ତୁମ ଭାବ,
ଆମକୁ ନେଇକି ବଡ଼ଦାଣ୍ଡେ ରଖି
ସିନେମା ତୁମେ କରିବ ?
ବେଲ ଅଛିଧନ ବଦଳାଅ ମନ
ସେବକ କୁଳ ଆମର
ଯଦୁ ବଂଶ ମୋର ଅତି ଆପଣାର
କି ହେଲା ଦଶା ତାହାର ?
ସେ ଦଶା ନଡାକ ତୁହି,
ନଦେଖାଇ ବଳ ଜଗିରଖି ଚ଼ଳ
ସୂଚ଼ନାରେ ଦେଲି କହି।

*ଦେବମାୟା ଭବନ*
*ଶେରଗଡ଼,ଗଞ୍ଜାମ*

## ଆଉଥରେ ଫେରିଆସ

*ଆଦ୍ୟାଶା ମହାପାତ୍ର*



ଦୀନ ଦରିଦ୍ରର ଦୁସ୍ଥ ଜନତାର
ସେଇ ଯେ ପରମ ବନ୍ଧୁ
ତ୍ୟାଗ ତିତିକ୍ଷାର ଅବିକଳ୍ପ ରୂପ
ନାମ ତାଙ୍କ ଗୋପବନ୍ଧୁ ॥
ପର ଦୁଃଖ ଦେଖି ନୟନୁ ଯାହାର
ବହୁଥିଲା ଲୁହଧାର
ଓଡିଆ ଜାତିର ଗର୍ବ ଗଉରବ
ମଣି ସିଏ ଉତ୍କଳର ॥
ପର ହିତେ ରତ ରହି ସେ ସତତ
ଗଲେ ଏ ମାଟିରୁ ହଜି
ଏ ଓଡିଆ ଜାତି ତାଙ୍କରି କୀରତି
ଭୁଲି ଯାଇ ନାହିଁ ଆଜି ॥
ବନ୍ୟାରେ ବିପନ୍ନ ଥିଲେ ଯେବେ ଜନ
ଯାଉଥିଲେ ସିଏ ଧାଇଁ
ତାଙ୍କରି ଛୁଆଁରେ ଦୁଃଖୀର ମୁହଁରେ
ହସ ଖିଏ ଉକୁଟଇ ॥
ଭୋକିଲାର ମୁହେଁ ଆହାର ଦେଇ ସେ
ନିଜେ ଥିଲେ ଅନାହାରେ
ମୃତ୍ୟୁଶଯ୍ୟା ପରେ ଛାଡି ସନ୍ତାନରେ
ସେବୁଥିଲେ ଦୁଃଖୀ ନରେ।
ସାଜି ନୀଳକଣ୍ଠ ଭୋଗି ଦୁଃଖ କଷ୍ଟ
ବାଣ୍ଟୁଥିଲ ମୁଖେ ହସ
ଆହେ କର୍ମବୀର ନେଇ ଅବତାର
ଆଉଥରେ ଫେରି ଆସ ॥

*ନୂଆପଡା, କଟକ*

## ସମର୍ପଣ

*ସୁଧାକର ରାଉତ*



ତୁମେ ପୁରି ରହିଅଛ
ଜଗତେ ସର୍ବତ୍ର
ମୁଖ ଦରଶନ ସୁଖ
ଦୁର୍ଲଭ ଅନ୍ୟତ୍ର ।
ମୋହଗ୍ରସ୍ତ ଜୀବନରେ
ତୁମରି ଆଲୋକ
ପଥ ପ୍ରଦର୍ଶନ କରି
ଢାଳଇ ପୁଲକ ।
ତୁମେ ଜୀବନ ପାଥେୟ
ବ୍ରହ୍ମାଣ୍ଡ ଗୋସାଇଁ
ତୁମ ବ୍ୟତିରେକ ମୁହିଁ
ଧାଇଁବି କିମ୍ପାଇଁ ।
ପତିତପାବନ ତୁମ
ତୁହାଇ ତୁହାଇ
କଳୁଷ ନାଶନ ଲାଗି
ସର୍ବଦା ଡାକଇ ।
ପ୍ରତ୍ୟାଖ୍ୟାତ ହୋଇ ତୁମ
ସହୁଛି କଷଣ
ସେ ଦେହକୁ କିପରିବା
କରିବି ଅର୍ପଣ ?
ଲୋଡା ନାହିଁ ଆଉ ମୋର
ଅଳିକ ଜୀବନ
ଅବା ଧର୍ମ,ଅର୍ଥ,ମୋକ୍ଷ
କାମର ଜ୍ୱଳନ ।
ନାହିଁ ତିଳେ ଅଭୀପ୍ସା ମୋ
ଲଭିବା ନିର୍ବାଣ
କରେ ନିବେଦନ ନାଥ
ଦିଅ ହେ ମରଣ ।

*ପ୍ରତାପ ନଗରୀ, କଟକ*
*୮୨୪୯୯୩୨୭୯୨*

## ବର୍ଷା: ଚ଼ାରିଟି ଏକପଦୀ

*ରତ୍ନକାନ୍ତି ମିଶ୍ର*



(୧)
ମେଘ ଘୁରିବୁଲେ ଆକାଶ ବକ୍ଷରେ
ମନ ଆକାଶରେ ତୁମେ
ଦେହ ମୋ ଭିଜଇ ବରଷା ଟୋପାରେ
ଭିଜଇ ମୁଁ ତୁମ ପ୍ରେମେ ॥
(୨)
ବର୍ଷା ଯେବେ ଗାଏ ରାଗ ମହ୍ଲାର
ତୁମେ ଗାଅ ସାତ ସୁରେ
ଛୁଇଁଲାଣି ବର୍ଷା ଧରଣୀର ଅଙ୍ଗ
ତୁମ ଛୁଆଁ କୁ ମୁଁ ଝୁରେ ॥
(୩)
ବର୍ଷା ବିନ୍ଦୁ ପଡି ଭିଜାମାଟି ଦେହୁ
ଚ଼ହଟଇ ଚ଼ାରୁ ବାସ
ଉଦାସ ଓଠେ ମୋ ଆଙ୍କିଦିଅ ତୁମେ
ଗାରେ ମଧୁ ବୋଳା ହସ ॥
(୪)
ପାଣିର ପାଉଁଜି ପିନ୍ଧି ବର୍ଷା ନାଚେ
ଝୁମି ଝୁମି ସାରା ରାତି
ତୁମରି ସ୍ମୃତିର ଅନାହୂତି ବର୍ଷା
ମୋ ଦେହେ ଭରଇ ତାତି ॥

*ଆଳି, କେନ୍ଦ୍ରାପଡା*

## ତା ଅପେକ୍ଷାରେ ବର୍ଷା

ଗ୍ରୀଷ୍ମ ଚ଼ାଲିଯାଇ ଆସିଲା ଆଷାଢ଼
ପାଦ ଥାପଲେ। ବରଷା
ଆନନ୍ଦ ଭରିଦେଉ ଚ଼ାଷୀ ଚ଼ିତ୍ତରେ
ଚ଼ାଷୀର ସାହା ଭରସା.....॥୧॥
ହେ ବରଷା ତୋର ଆଗମନର ଚ଼ାଷୀ
କରଇ ତୋର ଅପେକ୍ଷା
ଚ଼ିତକ ପକ୍ଷୀ ପରି ଅଛି ଅନେଇ
ଚ଼ାଷୀର ଅଟୁ ଭରସା ....॥୨॥

ତରୁ ଲତା ବୃକ୍ଷ ଝାଉଁଳି ପଡ଼ଇ
କରଇ ତୋର ଅପେକ୍ଷା
ତରୁ ଲତା ବୃକ୍ଷ ଆନନ୍ଦେ ନାଚ଼ନ୍ତି
ହୁଅଇ ଯେବେ ବରଷା........॥୩॥

ତୋର ମେଘର ଗର୍ଜନ ନାଦ ଶୁଣି
ନୃତ୍ୟ କରଇ ମୟୂରୀ
ତୋହର ସ୍ପର୍ଶରେ ଉଲ୍ଲାସ ଧରଣୀ
ଝିପି ଝିପି ଭାସେ ବାରି......॥୪॥

ପିଲାଏ ତୋ ପ୍ରେମରେ ପାଗଳ ହୋଇ
ଭସାନ୍ତି କାଗଜ ଡଙ୍ଗା
ନୃତ୍ୟ ଗୀତ ଗାଇ ଗାଇ ଭିଜୁଥାଏ
ରାସ୍ତାକୁ ଭାବଇ ଗଙ୍ଗା... ..॥୫॥

ତୋହର ଅପେକ୍ଷା କରଇ ସମସ୍ତେ
ସ୍ୱାର୍ଥପର ତୁ ହଅନା
ତୋହର ପ୍ରେମରେ ଚ଼ାଷୀ ବି ପାଗଳ
ତାକୁ ତୁ ଠକି ଦେଏନା ....॥୬॥

*ଚ଼ଉବନ ଖଡ଼ିକାର*
*ସ୍ଥାନ - ବୋଡ଼ନ, ଧର୍ମଗଡ,*
*କଳାହାଣ୍ଡି*
*ଦୂରଭାଷ- ୮୧୪୪୮୦୯୧୨୪*

# ଅସ୍ମିତା' ସ୍ୱାଭିମାନ ନୁହେଁ। ଏହାର ଅର୍ଥ ଅହଙ୍କାର ବା ଅହମିକା

ବର୍ତ୍ତମାନ ଓଡ଼ିଶାରେ କେତେକ ଭାଷା, ସାହିତ୍ୟ ଓ ସଂସ୍କୃତି ଅନଭିଜ୍ଞ ବ୍ୟକ୍ତି ଅସ୍ମିତା ଶବ୍ଦକୁ ସ୍ୱାଭିମାନ ଅର୍ଥରେ ବାରମ୍ବାର ବ୍ୟବହାର କରୁଛନ୍ତି। ସମସ୍ତ ପ୍ରାମାଣିକ ସଂସ୍କୃତ ଓ ଓଡ଼ିଆ ଭାଷାକୋଷରେ ଅସ୍ମିତା ର ଅର୍ଥ ସ୍ପଷ୍ଟ ଭାବରେ ଅହଙ୍କାର ବୋଲି ଲେଖାଯାଇଛି। କେତେକ ଅଣ ଓଡ଼ିଆ ଏବଂ ଓଡ଼ିଆ ଭାଷା ଅନଭିଜ୍ଞ ବ୍ୟକ୍ତି ନିର୍ବାଚ଼ନ ସମୟରେ ଏହି ଓଡ଼ିଆ ଅସ୍ମିତା ନାମରେ ସାଧାରଣ ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ଚେଷ୍ଟା କରିଥିଲେ। ବର୍ତ୍ତମାନ ରାଜଧାନୀରେ ମନ୍ତ୍ରୀ ଓ ଅଧିକାରୀମାନଙ୍କ ବୈଠକରେ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁଞ୍ଚ ଅସ୍ମିତା ଭବନ ଞ୍ଚନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି, ଯାହା ଅତ୍ୟନ୍ତ ଦୁଃଖଦାୟକ। ଏହା ଦ୍ୱାରା ଓଡ଼ିଶା ଓ ଓଡ଼ିଆ ଜାତି ଅପମାନିତ ହେବ। ଶବ୍ଦତତ୍ତ୍ୱବୋଧ ଅଭିଧାନ, ପୂର୍ଣ୍ଣଚ଼ନ୍ଦ୍ର ଭାଷାକୋଷ, ଶବ୍ଦସିନ୍ଧୁ ଓ ନବ ଅଭିଧାନରେ ତଥା ସମସ୍ତ ସଂସ୍କୃତ ଅଭିଧାନରେ ଅସ୍ମିତା ହିଁ ଅହଙ୍କାର ବୋଲି ବର୍ଣ୍ଣନା କରାଯାଇଛି। ଅଣ ଓଡ଼ିଆ ମାନେ ଅସ୍ମିତା ର ଅର୍ଥ ଯାହା ବୁଝନ୍ତୁ ଆମର ଆପତ୍ତି ନାହିଁ, ଓଡ଼ିଆ ପରି ଶାସ୍ତ୍ରୀୟ ଭାଷାର ଦାୟାଦ ମାନେ ବ୍ୟାକରଣ ତଥା ଭାଷାକୋଷ ସମ୍ମତ ଅର୍ଥ ବୁଝି ଭାଷାସାହିତ୍ୟ ଓ ସଂସ୍କୃତିର ସୁରକ୍ଷା କରିବା ଆବଶ୍ୟକ। କେତେକ ବରିଷ୍ଠ ନେତା ବା ପଦାଧିକାରୀ



**ଡଃ କାଳୀପ୍ରସନ୍ନ ଶତପଥୀ**

ବ୍ୟାକରଣ ଓ ଅଭିଧାନରେ ଥିବା ଅସ୍ମିତା ଶବ୍ଦର ଅର୍ଥକୁ ନ ବୁଝି ମନ ଇଚ୍ଛା ବ୍ୟବହାର କରି ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିବା ନୈତିକ ଅପରାଧ। କେତେଜଣ ଅସ୍ମିତାଧାରୀ (ଅହଙ୍କାରୀ)ଙ୍କ ଯୋଗୁଁ ଆମ ଓଡିଶାର ସ୍ୱାଭିମାନକୁ ନଷ୍ଟ କରାନଯାଉ। ଯଦି ଆବଶ୍ୟକ ହୁଏ 'ସ୍ୱାଭିମାନ ଭବନ' ନିର୍ମାଣ କରାଯାଉ।

ଅସ୍ମିତା ଭବନ ନିର୍ମାଣ କରି ରାଜନୀତି ନାମରେ ରାଜ୍ୟନୀତିକୁ ବଳି ଦିଆ ନଯାଉ। ମୋ ବ୍ୟକ୍ତିଗତ ମତରେ ରାଜ୍ୟନାମରେ ସାହିତ୍ୟ ସଂସ୍କୃତି ଭବନ ନିର୍ମାଣ କରାଯାଇପାରେ। ଭାଷାବିଶେଷଜ୍ଞ ମାନେ ମୋ ମତକୁ ଓଡ଼ିଶାର ଓ ଓଡ଼ିଆ ଜାତିର ସ୍ୱାଭିମାନ ଦୃଷ୍ଟିରୁ ବିଚ଼ାର କରି ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ।

*ଉପାଧ୍ୟକ୍ଷ, ଦିବ୍ୟଜୀବନସଂଘ,*
*କେନ୍ଦ୍ରାପଡ଼ା*



# ମୋ ଓଡ଼ିଶା



## ଭଲ ହୁଅ ଏବଂ ଭଲ ଦେଖ !

ଆମେ ସମସ୍ତେ କହୁ ଯେ ଭଲ ହେବା ଓ ଭଲ ଦେଖିବା କିନ୍ତୁ ଏହା ଏକ ଛଳନା କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଆମ୍ଭେମାନେ ଆମ୍ଭମାନଙ୍କ ବ୍ୟକ୍ତିତ୍ୱକୁ ଅନ୍ୟମାନଙ୍କ ପାଇଁ ଆଦର୍ଶର ପ୍ରେରଣା ସୃଷ୍ଟି କରିପାରିନାହୁଁ। ଭଗବାନଙ୍କ ନାମସ୍ମରଣ ଅର୍ଥ ଏକ ଉନ୍ନତ ନୈତିକ ଚେତନାର ବିକାଶ କରିବା ଆମର ଅନ୍ତର ଏହି ପ୍ରକାରେ ଦୀପ୍ତିରେ ସଦା ପ୍ରଜ୍ଜ୍ୱଳିତ ହୋଇ ରହିବା ଉଚିତ। ଆମେ ଜାଣୁ ଯେ ଆଲୋକ ଯେତେବେଳେ ଉଭେଇ ଯାଏ, ସେତେବେଳେ ଅନ୍ଧକାର ଘୋଟି ଆସେ। ଆମର ଦୃଷ୍ଟି ଯେତେବେଳେ ନିର୍ମଳ ହେବ ସେତେବେଳେ କେବଳ ଭଗବାନଙ୍କୁ ଆମେ ଦେଖିପାରିବା। ଅପରିଷ୍କୃତ ମନ କେବଳ ଖରାପ କଥା ହିଁ ଦେଖିବ।

ଯୁଧିଷ୍ଠିର ଥିଲେ ଧର୍ମପରାୟଣ ରାଜା। ସେହି ସମୟରେ ଦୁର୍ଯ୍ୟୋଧନ ଥିଲେ ଅତ୍ୟନ୍ତ ଦୁର୍ମତିସଂପନ୍ନ ବିଧର୍ମୀ ରାଜା। ଦିନେ ଭଗବାନ କୃଷ୍ଣ ତାଙ୍କ ପାଇଁ ଏକ ଖଳ ପ୍ରକୃତିର ଲୋକକୁ ଖୋଜି ଆଣିବାକୁ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଲେ। ଯୁଧିଷ୍ଠିର ସବୁଆଡ଼େ ପରିଭ୍ରମଣ କରି ଗୋଟିଏ ହେଲେ ମନ୍ଦ ଲୋକ ନପାଇ କୃଷ୍ଣଙ୍କ ନିକଟକୁ ଫେରି ଆସିଲେ। ତା'ପରେ କୃଷ୍ଣ ତାଙ୍କ ନିକଟକୁ ଜଣେ ମାତ୍ର ଭଲ ଲୋକଙ୍କୁ ଆଣିବା ପାଇଁ ଅନାଚାରୀ ଦୁର୍ଯ୍ୟୋଧନଙ୍କୁ ଆଦେଶ ଦେଲେ। ସେ ଚାରିଆଡ଼େ ବୁଲିଲେ କିନ୍ତୁ ଜଣେହେଲେ ଭଲ ଲୋକ ତାଙ୍କ ଦୃଷ୍ଟିଗୋଚର ହେଲାନାହିଁ। ସେ କୃଷ୍ଣଙ୍କ ନିକଟକୁ ଫେରିଆସି ତାହା ଜଣାଇଲେ।

ଉପରୋକ୍ତ ଗଳ୍ପଟିରୁ ଆମେ ଏହି ଶିକ୍ଷାଲାଭ କରୁ ଯେ ଆମେ ଯଦି ନିଜେ ଭଲ ହେବା ତାହାହେଲେ ସମସ୍ତେ ଆମ ପ୍ରତି ଭଲ ହେବେ। କିନ୍ତୁ ଆମେ ଯଦି ନିଜେ ମନ୍ଦ ଆଚରଣ କରିବୁ ତାହାହେଲେ ସାରା ସଂସାର ଆମକୁ ଅସାର ବୋଲି ପ୍ରତିଭାତ ହେବ। ପ୍ରତ୍ୟେକ ଲୋକ କିଛିନା କିଛି ସୁଗୁଣର ଅଧିକାରୀ। ଆମେ ଯଦି ମନ୍ଦଗୁଣଗୁଡ଼ିକୁ ନିରୀକ୍ଷଣ କରିବାକୁ ଚାହୁଁ, ତେବେ ପ୍ରଥମେ ଆମେ ଆମ ଭିତରେ ତାହା ଆବିଷ୍କାର କରିବା ଉଚିତ। ଆମେ ଯଦି ଏପରି କରୁ ଧୀରେ ଧୀରେ ଆମ ଭିତରେ ଥିବା ଦୁର୍ଗୁଣଗୁଡ଼ିକ ଲୋପ ପାଇଯିବ। ଆମେ ଯଦି ଅନ୍ୟର ଦୋଷଗୁଡ଼ିକ ଖାଲି ବାଛିବସୁ ଏବଂ ନିଜର ଗୁଣଗାନ କରୁ ତେବେ ଆମର ଯାହା କିଛି ସୁଗୁଣ ଥିବ ତାହା ମଧ୍ୟ ଆମକୁ ଛାଡ଼ି ଚାଲିଯିବ। ତଦ୍ୱାରା ଦୁର୍ଗୁଣଗୁଡ଼ିକ ବଢ଼ି ଚାଲିବ। ଏ ସଂସାରରେ ବାସ କରୁଥିବା ଅନେକ ଲୋକଙ୍କ ଆମେ ନିନ୍ଦାଗାନ କରିଥାଉ, ତାଙ୍କୁ ସମାଲୋଚନା କରୁ, ତାଙ୍କର ଅନିଷ୍ଟ ଚିନ୍ତା କରୁ, ଏପରି ଆଚରଣ କରିବା ଦ୍ୱାରା ଆମର ମନ ଦିନକୁ ଦିନ ଦୂଷିତ ହୋଇଯାଏ। ତେଣୁ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବାକୁ ହେଲେ ଅନ୍ୟର କେବଳ ଭଲଗୁଣଗୁଡ଼ିକ ଦେଖିବା ଉଚିତ। ସମସ୍ତଙ୍କ ପ୍ରତି ସ୍ନେହ ପ୍ରଦର୍ଶନ କରିବା ଉଚିତ।

ଆମେ ଯଦି ଅନ୍ୟମାନଙ୍କର ସୁଗୁଣ ପ୍ରତି ଆକର୍ଷିତ ହେଉ, ତାହାହେଲେ ଆମେ ସେମାନଙ୍କ ହୃଦୟରେ ବିରାଜିତ ଥିବା ଈଶ୍ୱରଙ୍କୁ ଦେଖିପାରିବା, କାରଣ କେବଳ ଭଗବାନ ହେଉଛନ୍ତି ଉତ୍ତମ ଓ ଶ୍ରେଷ୍ଠ। ଅନ୍ୟମାନଙ୍କ ହୃଦୟରେ ତାଙ୍କୁ ଦର୍ଶନ କରିପାରିଲେ ଆମେ ନିଜ ଭିତରେ ମଧ୍ୟ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରିପାରିବା। ଆମେ ଯେତେ ସମୟ ପର୍ଯ୍ୟନ୍ତ ଅନ୍ୟକୁ ସମାଲୋଚନା କରୁଥିବା ସେତେବେଳ ପର୍ଯ୍ୟନ୍ତ ଆମେ ସେମାନଙ୍କ ଆତ୍ମାରେ ଥିବା ଈଶ୍ୱରଙ୍କୁ ଦର୍ଶନ କରିପାରିବା ନାହିଁ।

**ରାଜକିଶୋର ମିଶ୍ର, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦**

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ହୃଦ୍‌ରୋଗର ମାଗଣା ଅସ୍ତ୍ରୋପଚାର



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ତା୧୨.୦୯.୨୦୨୨ରିଖ ସୋମବାର ଅପରାହ୍ନରେ ହୃଦ୍‌ରୋଗରେ ପିଡିତ ଥିବା ୦୫ ଜଣ ଶିଶୁଙ୍କୁ ମାଗଣା ଅସ୍ତ୍ରୋପଚାର ନିମନ୍ତେ ଅହମ୍ମଦାବାଦ ସ୍ଥିତ ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟକୁ ପ୍ରେରଣ କରାଯାଇଛି । ଚିକିତ୍ସା ନିମନ୍ତେ ଯାଇଥିବା ବିଭିନ୍ନ ବ୍ଲକ୍‌ର ଶିଶୁମାନେ ଯଥା-ଘଟଗାଁ ବ୍ଲକ୍‌ରୁ ୦୨ ଜଣ, ହରିଚନ୍ଦନପୁର ବ୍ଲକ୍‌ରୁ ୦୨ ଜଣ ଏବଂ ପାଟଣା ବ୍ଲକ୍‌ରୁ ୦୧ ଜଣ ଶିଶୁଙ୍କୁ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରୁ ଭୁବନେଶ୍ୱରକୁ ଏବଂ ଭୁବନେଶ୍ୱରରୁ ଅହମ୍ମଦାବାଦକୁ ଟ୍ରେନ୍ ମାଧ୍ୟମରେ ବିନାମୂଲ୍ୟରେ ଗମନାଗମନ କରିବାର ବ୍ୟବସ୍ଥା କରାଯାଇଛି । ଏହି ଶିଶୁ ହୃଦ୍‌ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟ ଅହମ୍ମଦାବାଦ ଠାରେ ହେବ ବୋଲି ଆର୍.ବି.ଏସ୍.କେ ମ୍ୟାନେଜର ବିଜନ କୁମାର ସାହୁ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହା ପୂର୍ବରୁ ମଧ୍ୟ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ୪୬ ଜଣ ଶିଶୁ ହୃଦ୍‌ରୋଗୀଙ୍କୁ ଏହି ଆର୍.ବି.ଏସ୍.କେ. ମାଧ୍ୟମରେ ସତ୍ୟସାଇ ହୃଦ୍‌ରୋଗ ଚିକିତ୍ସାଳୟକୁ ପଠାଯାଇ ସଫଳତାର ସହ ଅସ୍ତ୍ରୋପଚାର କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର, ଡି.ପି.ଏମ୍. ଏନ୍.ଏନ୍.ଏମ୍. ନିତ୍ୟରଂଜନ ବରାଳ ଏବଂ ଆର୍.ବି.ଏସ୍.କେ ମ୍ୟାନେଜର ବିଜନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଉକ୍ତ ୦୫ ଜଣ ଶିଶୁଙ୍କୁ ବିନାମୂଲ୍ୟରେ ହୃଦରୋଗର ଅସ୍ତ୍ରୋପଚାର ନିମନ୍ତେ ଅହମ୍ମଦାବାଦକୁ ପଠାଯାଇଛି ଏବଂ ହୃଦରୋଗରେ ପିଡିତ ଥିବା ଶିଶୁମାନଙ୍କର ସହାୟତା ନିମନ୍ତେ ଆର୍.ବି.ଏସ୍.କେ. ଏମ୍.ଏଚ୍.ଟି.ର ଆୟୁଷ ଡାଃ ସୂର୍ଯ୍ୟନନ୍ଦନ ଆଚାର୍ଯ୍ୟଙ୍କୁ ସାଙ୍ଗରେ ପଠାଯାଇଛି ।

## ଅମର୍ଦା ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ପାଇଁ ରାସଗୋବିନ୍ଦପୁରରୁ ରାଜଭବନ ପଦଯାତ୍ରା

ବାଲେଶ୍ୱର (ପିଏନ୍)- ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଦାବିକୁ ନେଇ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଗତ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାର ଜାଗ୍ରତ ପ୍ରହରୀ ଭଞ୍ଜସେନା, ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଗଣସଂଗଠନ ଭଏସ ଅଫ ବାଲେଶ୍ୱର ଓ କେନ୍ଦୁଝର ଡେଭଲପମେ କାଉନସିଲ ମିଳିତ ଉଦ୍ୟମରେ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦ କାର୍ଯ୍ୟ କରୁଅଛି। ଏଥିରେ ବିଶେଷ କରି ଅମର୍ଦା ଏୟାର ଷ୍ଟ୍ରିପକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦାବିରେ ରାସଗୋବିନ୍ଦପୁରରୁ ରାଜଭବନ ପର୍ଯ୍ୟନ୍ତ ଅକ୍ଟୋବର ୧୧ରୁ ଏକ ପଦଯାତ୍ରା ଆୟୋଜିତ ହେବ। ଏହାସହ ଆସନ୍ତା ବର୍ଷ ଜାନୁଆରୀ ୧୨ ତାରିଖ ଅର୍ଥାତ ଜାତୀୟ ଯୁବ ଦିବସ ଅବସରରେ ଉ ର ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ଓ ଆତ୍ମନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ପର୍ଯ୍ୟଟନ ବିକାଶ ରଥ ଆରମ୍ଭ କରାଯିବ। ସେହିପରି ଚଳିତ ବର୍ଷ ନଭେମ୍ବର ୧୩ ତାରିଖରେ ପର୍ଯ୍ୟଟନ ପରିଷଦ ପକ୍ଷରୁ ବାଲେଶ୍ୱରଠାରେ ଏକ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦର ସଭାପତି କଳିଙ୍ଗ କେଶରୀ ଜେନା ଯୋଗଦେଇ କହିଥିଲେ ଯେ ଉ ର ଓଡ଼ିଶାରୁ ରାଷ୍ଟ୍ରପତିଙ୍କ ସହ ଜଣେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ, ଜଣେ କେନ୍ଦ୍ରମନ୍ତ୍ରୀ ଏବଂ ଅନ୍ୟ ଜଣେ ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମଧ୍ୟ ରହିଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ଯେ ଉ ର ଓଡ଼ିଶାର ଆଖିଦୃଶିଆ ଉନ୍ନତି ହୋଇପାରିନି। ବିଶେଷ କରି ମୟୂରଭଞ୍ଜ, ବାଲେଶ୍ୱର ଏବଂ କେନ୍ଦୁଝର ଜିଲ୍ଲାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଆଖିଦୃଶିଆ ଉନ୍ନତି ହୋଇପାରି ନ ଥିବାବେଳେ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁରସ୍ଥିତ ଅମର୍ଦା ଏୟାର ଷ୍ଟ୍ରିପ ବ ମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନାହିଁ ବୋଲି କହିଛନ୍ତି। ଅନ୍ୟପଟେ ରାସଗୋବିନ୍ଦପୁର ଏୟାର ଷ୍ଟ୍ରିପକୁ କେନ୍ଦ୍ର ସରକାର ଉଡ଼ାଣ ଯୋଜନାରେ ସାମିଲ କରିଛନ୍ତି। ତେବେ ଏହା କେବେ କାର୍ଯ୍ୟକ୍ଷମ ହେବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାବ୍ୟତୀତ ରାଜପଥ ଓ ରେଳପଥ ସମ୍ପ୍ରସାରଣ ହେଲେ ଆ ଳିକ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉ ର ଓଡ଼ିଶା ପର୍ଯ୍ୟଟନ ବିକାଶ ପରିଷଦର ଆବାହକ ଡ. ସନ୍ଦୀପ ପଟ୍ଟନାୟକ, ପରିଷଦର କାର୍ଯ୍ୟକାରୀ ସଭାପତି ଅରିଜିତ ଘୋଷାଲ, ଉପସଭାପତି ରଣଜିତ ପଣ୍ଡା, ସଂପାଦକ ଗୌତମ ସେଠୀ, ସାଂଗଠନିକ ସଂପାଦକ ଚନ୍ଦନ ଶତପଥୀ ଏବଂ ଉପଦେଷ୍ଟା ଅସିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ହକି ଦଳର ଭୁବନେଶ୍ୱର ଯାତ୍ରା

ବାଲେଶ୍ୱର (ପିଏନ୍)-ଦୀର୍ଘ ୨୦ ବର୍ଷ ପରେ ବାଲେଶ୍ୱର ଜିଲ୍ଲା ହକି ଟିମ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଗତ ରବିବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ୧୬ ଜଣ ଖେଳାଳୀଙ୍କ ସହିତ ଜଣେ ମ୍ୟାନେଜର ଓ ଜଣେ କୋଚ୍ ମଧ୍ୟ ଯାଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଜିଲ୍ଲା କ୍ରୀଡ଼ା ଛାତ୍ରାବାସରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଓ ଜିଲ୍ଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ଟିମ୍‌କୁ ଶୁଭେଚ୍ଛା ଜଣାଇଥିଲେ। ୧୭ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡ଼ିୟମ ଓ କିଟ୍ ପଡ଼ିଆରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

## ଶାନ୍ତିର ମାର୍ଗ

ଆଜି ସମସ୍ତେ ଖୋଜି ବୋଲୁଛନ୍ତି ଶାନ୍ତି କାହିଁ ? ଅଶାନ୍ତ ମାନବ ଜୀବନ, ଅଶାନ୍ତ କର୍ମମୟ ଜୀବନ, ସଂସାର ଜୀବନ ସହ ଅଶାନ୍ତ ପୃଥିବୀରେ ଶାନ୍ତି ପାଇଁ ସମସ୍ତେ ବ୍ୟାକୁଳ। ଆସନ୍ତୁ ତା ଉପରେ ଗୋଟିଏ ଛୋଟିଆ ଆଲୋଚନା ରଖିବା। ଯେଉଁମାନେ ଈର୍ଷା, ଅହଂକାର ଓ ଅଜ୍ଞାନଭାବ ସମ୍ପନ୍ନ, ସେମାନେ ମାର୍ଗରୁ ଅପସରି ଯାଆନ୍ତି। ଶେଷରେ ସେମାନେ କ୍ଷତିଗ୍ରସ୍ତ ହୁଅନ୍ତି। ମଣିଷର ସର୍ବାଧିକ ପ୍ରୟୋଜନ ହେଉଛି ଶାନ୍ତି। ଶାନ୍ତି ବିନା ଜୀବନର ନିରର୍ଥକ। ପ୍ରଗାଢ଼ ଉଦ୍ୟମ ମାଧ୍ୟମରେ ହେଉ ବା ଅନ୍ୟ କୌଣସି ମାର୍ଗରେ ହେଉ ଶାନ୍ତି ଭାବର ସୁରକ୍ଷା କରିବାକୁ ପଡ଼ିବ। କୋଇଲିର ମଧୁର ଗାନ କାଉକୁ ଭଲ ଲାଗି ନପାରେ ହଂସକୁ ଦେଖି ବତକ ଖୁସି ହୋଇନପାରେ। ଆମେ ଯଦି ଆମ ଖିଆଲ ଦ୍ୱାରା ଭାସିଯିବା ଶେଷରେ ନିଜର ନିଜତ୍ୱ ହରାଇ ବସିବା।

ଧର୍ମରାଜ ରାଜା ମାନଙ୍କ ରାଜା ଥିଲେ। ସେ ଜଣେ ଶକ୍ତିଶାଳୀ ବ୍ୟକ୍ତି ଥିଲେ ଓ ସମସ୍ତ ସଦ୍‌ଗୁଣର ସାକାର ପ୍ରତିମୂର୍ତ୍ତି ଥିଲେ। ତାଙ୍କ ଚାରିଭାଇମାନେ ପ୍ରତ୍ୟେକେ ବଳଶାଳୀ ଓ ପରାକ୍ରମୀ ଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କୁ ନିଜର ପ୍ରଭୁ ଜ୍ଞାନ କରି ଧର୍ମରାଜ ସାଧନା କରୁଥିଲେ। ପାଣ୍ଡବମାନଙ୍କ ଏତେ ସବୁ ଥାଇ ମଧ୍ୟ କ'ଣ ହେଲା? ଅଧିକରୁ ଅଧିକ ଦୁଃଖ ଯାତନା ଭୋଗିଲେ ସେମାନେ। କୌରବମାନେ ତାଙ୍କ ସ୍ତ୍ରୀଙ୍କୁ ଅବମାନନା କଲେ, ତାଙ୍କୁ ଅରଣ୍ୟକୁ ପଠାଇ ଦେଲେ। ଏ ସବୁ ସତ୍ତ୍ୱେ ଧର୍ମରାଜଙ୍କର ଶାନ୍ତଭାବ ଯୋଗୁଁ ସେମାନେ ସବୁ କିଛି ଫେରି ପାଇଲେ। ସେ ଘୋଷଣା କରି କହିଲେ, 'ଶାନ୍ତି ଆମର ଧର୍ମ, ଶାନ୍ତି ଦ୍ୱାରା ଆମେ ସବୁକିଛି ପାଇ ପାରିବା। ଦୁରାବସ୍ଥାରେ ପଡ଼ି, ଘୃଣା ଓ ଉତ୍ତେଜନା ଦ୍ୱାରା ଆମେ ଶାନ୍ତିରକ୍ଷା କରି ପାରିବା ନାହିଁ। ବରଂ ତଦ୍ୱାରା ଆମେ ସମାଜର କ୍ଷତି କରିବା।' ବାସ୍ତବିକ ଆଜିର ଦୁନିଆ ଏଇ ଶାନ୍ତି ଭାବ ଟିକକ ହରାଇ ବସିଛି। ସେଥିଲାଗି ସର୍ବତ୍ର ଗଣ୍ଡଗୋଳ। ଦୁର୍ଭିକ୍ଷ ଭୟ, ଯୁଦ୍ଧ ଭୟ, ଜାତି, ଧର୍ମ ଓ ବର୍ଣ୍ଣଗତ ସମସ୍ୟା ସର୍ବତ୍ର ପ୍ରବଳ। କ୍ଷମତା ଲୋଭ, ସ୍ୱାର୍ଥପର ଚିନ୍ତା ଓ ଆନ୍ଦୋଳନାତ୍ମକ ମାର୍ଗରେ ଛାତ୍ରମାନେ ପ୍ରବାହିତ। ଏ ସବୁର କାରଣ କ'ଣ? ଏହାର କାରଣ ଆମେ ଆମ ନିଜର ସ୍ୱଭାବ ଶାନ୍ତିକୁ ଉପଲବ୍ଧି କରିବାକୁ ଅସମର୍ଥ।

ତେବେ ସେ ଶାନ୍ତିଟି କ'ଣ? ସେ ଗୋଟିଏ ନିର୍ମଳ ପ୍ରେମ ସମ୍ଭୂତ ଗୋଟିଏ ସୁରଭିତ କଳିକା। ସତକର୍ମ ଫଳ ପ୍ରସୂତ ଏକ ସୌରଭ। ପୂର୍ବ ପୁଣ୍ୟ ଲବ୍ଧ। ଏହି ଅମୂଲ୍ୟ ଶାନ୍ତ ଭାବ ହରାଇଲେ ଆମେ ସବୁକିଛି ହରାଇବା। ପୁରାକାଳରୁ ମୁନିଋଷିମାନେ ଶାନ୍ତିର ମହତ୍ତ୍ୱ ଘୋଷଣା କରି ଆସୁଛନ୍ତି। ଯେତେ ଉପହସିତ ହେଲେ ସୁଦ୍ଧା, ଅନେକ ଯୋଜନା ଭୋଗିଲେ ମଧ୍ୟ ସେମାନେ ତାଙ୍କର ଶାନ୍ତି ଅବ୍ୟାହତ ରଖି ଆସିଛନ୍ତି। ଏହି ପ୍ରାଥମିକ ବସ୍ତୁଟି ମଣିଷ ରକ୍ଷା କରିବା ଦରକାର। ବ୍ୟସ୍ତ ବିବ୍ରତ ହୋଇ ପଡ଼ିଲେ ଆମେ ନିଜର ପରିଚୟ ମଧ୍ୟ ହରାଇ ବସିବା। ମଣିଷ ହିସାବରେ ମଣିଷ ସମାଜରେ ମଣିଷର ଦାୟାଦ ହୋଇ ଜନ୍ମ ଲାଭ କରି ଯଦି ଆମେ ଯଦି ମଣିଷର ଗୁଣ ପ୍ରଦର୍ଶନ ନକରିବା ତେବେ ସେ ମାନବ ଜନ୍ମର ମୂଲ୍ୟ କ'ଣ ? ଶାନ୍ତି ଜୀବନକୁ ସୁରଭିତ କରେ। ଗୋଟିଏ କୁରାଢ଼ି ନେଇ ଚନ୍ଦନ ଗଛକୁ ହାଣିଲେ ଗଛ ସେଥିରେ ପ୍ରତିବାଦ କରେନାହିଁ ବରଂ କୁରାଢ଼ିକୁ ତାର ସୁଗନ୍ଧ ଦେଇଥାଏ। ଧୂପ କାଠିଟିରେ ଅଗ୍ନି ସଂଯୋଗ କଲେ ସେ ବିନା ବାଧାରେ ସୁଗନ୍ଧ ଖେଳାଇ ଦିଏ। ସେହି ଅନୁସାରେ ପ୍ରକୃତ ଭକ୍ତ ଓ ସାଧକ କୌଣସି ପରିସ୍ଥିତିରେ ନିଜର ଶାନ୍ତି କ୍ଷୁର୍ଣ୍ଣ ହେବାକୁ ଦେବା ଉଚିତ ନୁହେଁ, ବରଂ ଚାରିଆଡ଼େ ଆନନ୍ଦ ଖେଳାଇ ଦେବା ଉଚିତ। ଏହି ମୌଳିକ ସାଧନା ମାଧ୍ୟମରେ ଶାନ୍ତି ଲାଭ ହୋଇଥାଏ। ବାହ୍ୟଜଗତରୁ ଶାନ୍ତି ଆଦୌ ମିଳିପାରିବ ନାହିଁ। ନିକଟ ସମ୍ପର୍କୀୟଙ୍କ ପାଖରୁ ମଧ୍ୟ ନୁହେଁ, କୋଠାବାଡ଼ି ସୁନାମ ଓ ଖ୍ୟାତି କେହି ଶାନ୍ତି ଦେଇପାରିବେ ନାହିଁ। ନିଜ ଅନ୍ତରରୁ ଏହା ଉଲ୍ଲସି ଉଠେ, ବାହାରୁ କୌଣସିଠାରୁ ଏହା ଉପାର୍ଜନ କରାଯାଇପାରେ ନାହିଁ।

## ବନ୍ୟା ଜଳବନ୍ଦୀ ବିପନ୍ନଙ୍କ ସମସ୍ୟା

ଭୁବନେଶ୍ୱର (ପିଏନ୍): ବିଭିନ୍ନ ନଦୀର ବନ୍ୟାଜଳ ହ୍ରାସ ହୋଇଥିଲେ ହେଁ, ବନ୍ୟା ଜଳବନ୍ଦୀ ଥିବା ବିପନ୍ନଙ୍କ ଦୁର୍ଦ୍ଦଶା ଏଯାଏଁ କମିନାହିଁ। ଗଙ୍ଗୁଆ ନଦୀରୁ ଉଦ୍‌ବୃ ବନ୍ୟାଜଳରେ ବନ୍ଦୀ ଥିବା ରାଜଧାନୀ ଭୁବନେଶ୍ୱରର ଟିକରପଡ଼ା ପ ାୟତର କଲ୍ୟାଣପୁର ଶାସନ ହରିଜନ ସାହିର ବାସିନ୍ଦା ଏବେ ନାହିଁ ନଥିବା ସମସ୍ୟାରେ ରହିଛନ୍ତି। ବନ୍ୟାଜଳରେ ମାଟିଘର ଏଠାରେ ଭୁଷୁଡ଼ି ପଡ଼ିଥିବାବେଳେ ଗାଁ ଦାଣ୍ଡ ପାର୍ଶ୍ୱରେ ବନ୍ୟାଜଳ ଜମି ରହିବା ଯୋଗୁଁ ସାହିର ପ୍ରାୟ ୫୦ ପରିବାର ମଧ୍ୟରୁ ଅନେକ ନିକଟରେ ଥିବା ଅଙ୍ଗନବାଡ଼ିରେ ରହିଛନ୍ତି। ମୁଖ୍ୟ ଦୟାନଦୀ ବନ୍ଧ ରାସ୍ତାରୁ ଏହି ସାହିକୁ ଗମନାଗମନ ଏକପ୍ରକାର ଠପ୍ ହୋଇଯାଇଛି। ଦୂର୍ଗମ ବନ୍ୟାପ୍ଲାବିତ ଅଂଚଳ ଅଧିବାସୀଙ୍କ ଭଳି ଏଠାକାର ବାସିନ୍ଦାଙ୍କ ଚଳଣି ସ୍ୱାଭାବିକ ହୋଇନାହିଁ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଂଚଳର ଆ ଳିକ ବିକାଶ ପରିଷଦର ଯୁବକମାନେ ଏକ ମହାନ କାର୍ଯ୍ୟ କରିଛନ୍ତି। ନିଜ ହାତରୁ ଚାନ୍ଦା ଆଦାୟ କରି ଚୁଡ଼ା, ଚିନି ବିସ୍କୁଟ, ପିଇବାପାଣି, ପିଲାମାନଙ୍କ ପାଇଁ ଶୁଖିଲା ଖାଦ୍ୟ ଧରି ପ୍ରାୟ ୪୦୦ ମିଟର ବନ୍ୟାଜଳରେ ଯାଇ ସାହିରେ ପହ ିଥିଲେ। ସେଠାରେ ଲୋକମାନଙ୍କର ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟା ପଚାରି ବୁଝିବା ସହ ଏହି ସମସ୍ତ ଖାଦ୍ୟକୁ ବ ନ କରିଥିଲେ। ବୃନ୍ଦାବନ ସାହୁଙ୍କ ନେତୃତ୍ୱରେ ପ୍ରଶାନ୍ତ ମିଶ୍ର, ଲକ୍ଷ୍ମିଧର ପ୍ରଧାନ, ଲଳିତ ମୋହନ ବେହେରା, ଲିଙ୍ଗରାଜ ଜେନା, ଅରୁଣ ପୁରୋହିତ, ବାବୁଲି ସ୍ୱାଇଁ, ତପନ ସାମନ୍ତରାୟ ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ଯୁବକମାନଙ୍କର ଏଭଳି ସହଯୋଗକୁ ଅଂଚଳବାସୀ ପ୍ରଶଂସା କରିଥିଲେ।

## ବନ୍ୟାରେ ଉଜୁଡ଼ି ଗଲା ଚାଷୀର ବର୍ଷକର ଫସଲ



ଫୁଲନଖରା (ପିଏନ୍)-ସିଡୁଆ ନଦୀରେ ବନ୍ୟା ଆସିବା ଦ୍ୱାରା ଚାଷୀମାନଙ୍କର ହଜାର ହଜାର ହେକ୍ଟର ପରିବା ଫସଲ ପାଣିରେ ବୁଡ଼ିକି ଅଛି । ସଦର ଥାନା ଅନ୍ତର୍ଗତ ସିଡୁଆ ନଦୀ ପଠାରେ ଥିବା ନିଜ ଜମିରେ ସଇଁନ୍ଧା, ଖଣ୍ଡେଏତା, ନାଗବାଲି, ଧାନହରାପଡ଼ା, ଶଙ୍ଖତ୍ରାସ, ଉଷୁମା, କୋରକରା ଓ ଖଲର୍ଦ୍ଧାର ଚାଷୀମାନେ ପୋଟଳ, ଜହ୍ନି, ବାଇଗଣ, କଖାରୁ, ବରୁଗୁଡ଼ି, କଲରା, ଭେଣ୍ଡି, ସାରୁ ଚାଷ କରିଥିବା ହଜାର ହଜାର ହେକ୍ଟର ଜମିରେ ପାଣି ମାଡ଼ିଯିବାରୁ ଫସଲ ସଂପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି । ଏହି ଚାଷପ୍ରଧାନ ଗ୍ରାମଗୁଡ଼ିକର ଅଧିକାଂଶ ଚାଷୀ ଏହି ଜମିରେ ଚାଷ କରି ନିଜର ପିଲା ଛୁଆ ପ୍ରତିପୋଷଣ କରିବା ସହ ନିଜର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିଥାନ୍ତି । ଫସଲ ଉପରେ ପାଣି ମାଡ଼ି ଯିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ବନ୍ୟା ଛାଡ଼ି ଗଲାପରେ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଫସଲ କ୍ଷୟକ୍ଷତିକୁ ଆକଳନ କରି ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସେମାନେ ଦାବି ଜଣାଇଛନ୍ତି ।

## ସଦ୍‌ଭାବନା ଦିବସ ପାଳନ ଅବସରରେ ଶପଥ ପାଠ

ବାଲେଶ୍ୱର (ପିଏନ୍)-ସଦ୍‌ଭାବନା ଦିବସ ପାଳନ ଅବସରରେ ପୂର୍ବାହ୍ନ ୧୦ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଶପଥ ପାଠ କାର୍ଯ୍ୟକ୍ରମ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଗୃହ ବିଭାଗ ଓ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରାଳୟର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ ଯୋଗଦେଇ ଉପସ୍ଥିତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ । ଜାତି, ସମ୍ପ୍ରଦାୟ, ଧର୍ମ, କ୍ଷେତ୍ର ଓ ଭାଷାର ଭେଦଭାବ ବିନା ସମସ୍ତ ଭାରତୀୟଙ୍କ ଭାବନାତ୍ମକ ଏକତା ଏବଂ ସଦ୍‌ଭାବନା ନିମନ୍ତେ କାର୍ଯ୍ୟ କରିବା ଏବଂ ହିଂସାର ଆଶ୍ରୟ ନ ନେଇ ସମସ୍ତପ୍ରକାର ମତଭେଦକୁ କଥାବାର୍ତ୍ତା, ଆଲୋଚନା ଓ ସାମ୍ବିଧାନିକ ବିଧି ମୁତାବକ ସମାଧାନ କରିବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ କୁନ୍ତଳା କୁମାରୀ ମଲ୍ଲିକ, ସହକାରୀ ଜିଲ୍ଲାପାଳ ସ୍ୱାଗତିକା ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ବିଶ୍ୱଦର୍ଶୀ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀ, କର୍ମଚାରୀ, ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସିଡିପିଓ, ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ ପ୍ରମୁଖ ଏହି ଶପଥପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## କୁଖ୍ୟାତ କାର ଠକ ଗିରଫ

ଫୁଲନଖରା (ପିଏନ୍)-ବିଭିନ୍ନ ଜିଲାରୁ କାର ଲୁଟ କରିବା ଅଭିଯୋଗରେ ସଦର ଥାନା ପୋଲିସ ଜଣେ ପୁରୁଣା କାର ଲୁଟେରାକୁ ଗିରଫ କରିଛି। ତା' ନିକଟରୁ ଏକ ମାରୁତି ବଲେନୋ କାର ଜବତ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସଦର ଥାନା ସାଇଁଶୋ ମୌଜାର ରଂଜନକୁମାର ବେହେରା (୨୯) କାର ମାଲିକ ମାନଙ୍କ ନିକଟକୁ ଯାଇ ସେମାନଙ୍କ କାର ବିକ୍ରି କରିଦେବାକୁ କହି କୌଶଳକ୍ରମେ ଗାଡ଼ି ନେଇ ଯାଉଥିଲା। ପ୍ରଥମେ ଅଳ୍ପ କିଛି ଟଙ୍କା ଦେଲାପରେ ଆଉ ଧରାଛୁଆଁ ଦେଉ ନ ଥିଲା। ଏଭଳି କାରବାର ସେ ଆଠଗଡ଼, ଖୁଣ୍ଟୁଣି, ଲକ୍ଷ୍ମୀସାଗର, ଚାଉଳିଆଗଂଜ, ବାଦାମବାଡ଼ି ସମେତ ସଦର ଥାନା ଅଞ୍ଚଳରେ ଦୀର୍ଘଦିନ ଧରି ଚଳାଇଆସିଛି। ଏହି ଘଟଣାରେ ସେ ପୂର୍ବରୁ ଜେଲ ମଧ୍ୟ ଯାଇଥିବା ପୁଲିସ ଜାଣିବାକୁ ପାଇଛି। କଟକର ଲିଲି ନାୟକ ନାମକ ଜଣେ ମହିଳାଙ୍କ ବଲେନୋ କାରକୁ ବିକିଦେବ କହି ତାଙ୍କ ସହିତ ଚୁକ୍ତି କରିଥିଲା। ମାତ୍ର ଏ ବାବଦ ଟଙ୍କା ପରିଶୋଧ ନକରି ଲୁଚିବାରୁ ଲିଲି ସଦର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୁଲିସ ତଦନ୍ତ କରିବା ସହିତ ଅଭିଯୁକ୍ତ ରଂଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ରଶ୍ମିରଂଜନ ମହାପାତ୍ର କହିଛନ୍ତି।

## ବିଜେବି କଲେଜରେ ବୈଭବୀ ଦାଶଙ୍କୁ ଉଦୟନାଥ ସ୍ମାରକୀ ସମ୍ମାନ

ଭୁବନେଶ୍ୱର (ପିଏନ୍): ଯୁକ୍ତ ୩ ବିଜେବି ମହାବିଦ୍ୟାଳୟର ଆନ୍ଥ୍ରୋପଲୋଜି ବିଭାଗରେ ସର୍ବଶ୍ରେଷ୍ଠ ନମ୍ବର ରଖିଥିବା ବୈଭବୀ ଦାଶଙ୍କୁ ଉଦୟନାଥ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଛି। ଏଥିସହ ୪ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ସମ୍ମାନ ପ୍ରଦାନ ବେଳେ କଲେଜର ଅଧ୍ୟକ୍ଷ ଡ଼ ନିରଂଜନ ମିଶ୍ର, ଆନ୍ଥ୍ରୋପଲୋଜି ବିଭାଗର ମୁଖ୍ୟ ଇତିଶ୍ରୀ ପାଢ଼ୀ ଓ ସୋସଲଜି ବିଭାଗ ମୁଖ୍ୟ ବିଭାବରୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ଗ୍ରାହକ ସେବା କେନ୍ଦ୍ର ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-କଟକ ବିଦ୍ୟୁତ ମଣ୍ଡଳ ଗୋପାଳପୁର ଉପଖଣ୍ଡ ଅଧିନ ଅଡ଼ଶପୁର ପ୍ରଭାଗଦ୍ୱାରା ଫତେଗଡ଼ଠାରେ ଏକ ଗ୍ରାହକ ସେବା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଆଜାଦି କା ଅମୃତ ମହୋତ୍ସବ ଅବସରରେ ଉଦଘାଟିତ ଏହି ଉତ୍ସବରେ ଟାଟା ପାୱାର କଟକ ମଣ୍ଡଳ ଅଧିକ୍ଷଣ ଯନ୍ତ୍ରୀ ଇଂ. ଦେବାଶିଷ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ. ମନୋଜକୁମାର ସାହୁ, ଗୋପାଳପୁର ଏସଡ଼ିଓ ଇଂ. ଛବିଳ ବେହେରା ଓ ରଂଜନକୁମାର ଜେନା ଅତିଥିରୂପେ ଯୋଗ ଦେଇଥିଲେ। ଏହି କେନ୍ଦ୍ରଦ୍ୱାରା ବିଦ୍ୟୁତ ଉପଭୋକ୍ତାମାନଙ୍କୁ ତ୍ୱରିତ ସେବା ଯୋଗାଇ ଦିଆଯିବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶର୍ମା, ଚିତ୍ତରଂଜନ ବିଶ୍ୱାଳ, ସରପଞ୍ଚ ସୁରେଶ ଭୋଇ, ବିଶ୍ୱରଂଜନ ସାହୁ, ଜ୍ଞାନରଂଜନ ମହାନ୍ତି, ପ୍ରବୋଧ ରଣା ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିରଂଜନ ମହାନ୍ତି, ରମେଶ ଜେନା, ଚକ୍ରଧର ମହାରଣା, ବସନ୍ତ ପ୍ରତାପ, ମନ୍ମଥ ଘୋଷ, ରବିନ୍ଦ୍ର ସାହୁ ଓ ତ୍ରିନାଥ ଜେନା ପ୍ରମୁଖ ଲାଇନମ୍ୟାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା କ୍ଷେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣଙ୍କୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣଙ୍କୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଘଂନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁଗତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ ଯୋଡା ଥାନା ପୋଲିସ ଏଜାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଜାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admissio before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

